

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୧ ଜୁଲାଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 01 JULY 2021

Vol.No. 32 ■ No. 165 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଜୁଲାଇ ୧୬ ପର୍ଯ୍ୟନ୍ତ ବଢିଲା ଆଂଶିକ ଲକ୍ ଡାଉନ୍

- ସାରା ରାଜ୍ୟରେ ସଂଧ୍ୟା ୬ଟାରୁ ନାଇଟ୍ କର୍ଫ୍ୟୁ
- ୨୦ ଜିଲ୍ଲାରୁ ହଟିଲା ସପ୍ତାହାନ୍ତ ସଟ୍ ଡାଉନ୍ , ଚାଲିବ ବସ୍
- ଅନ୍ୟ ୧୦ ଜିଲ୍ଲାରେ ସକାଳ ୬ରୁ ଅପରାହ୍ନ ୨ଟା କଟକଣା କୋହଳ
- ଖୋଲିବ ସେଲୁନ୍ , ଉଠା ଦୋକାନ



ଭୁବନେଶ୍ୱର,୩୦/୦୬(ନି.ପ୍ର): ରାଜ୍ୟରେ ଆଂଶିକ ଲକଡାଉନକୁ ଆସନ୍ତା ଜୁଲାଇ ୧୬ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ବୁଧବାର ଦିନ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ ରାଜ୍ୟର ମୋଟ ୨୦ଟି ଜିଲ୍ଲାକୁ କ୍ୟାଟେଗୋରୀ 'ଏ' ରେ ରଖା ଯାଇଥିବା ବେଳେ ଉପକୂଳବର୍ତ୍ତୀ ୧୦ଟି ଜିଲ୍ଲାକୁ କ୍ୟାଟେଗୋରୀ 'ବି'ରେ ରଖାଯାଇଛି । କ୍ୟାଟେଗୋରୀ 'ଏ' ରେ ଥିବା ୨୦ଟି ଜିଲ୍ଲାରେ ପଜିଟିଭିଟି ହାର ୫ ପ୍ରତିଶତରୁ କମ ଥିବାରୁ ସେଠାରେ ସପ୍ତାହାନ୍ତ ସଟଡାଉନକୁ ହଟାଇ ଦିଆଯାଇଥିବାବେଳେ ସକାଳ ୬ ଟାରୁ ସଂଧା ୬ ଟା ପର୍ଯ୍ୟନ୍ତ କଟକଣାକୁ କୋହଳ କରାଯାଇଛି । ସଂଧା ୬ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ରାତ୍ରୀ କର୍ଫ୍ୟୁ ଲାଗୁ ହେବ । ଏହି ୨୦ଟି ଜିଲ୍ଲାରେ ବସ, ଅଟୋ ଓ ଟାକ୍ସି ପରିବହନକୁ ଅନୁମତି ଦିଆଯାଇଛି । ଇନ୍ ଡୋର ଓ ଆଉଟଡୋର ସୁଟିଂକୁ ମଧ୍ୟ ଅନୁମତି ମିଳିଛି । ସାପ୍ତାହିକ ହାଟ ଓ ମାର୍କେଟ ଓ ସେଲୁନ ଖୋଲିବାକୁ ଅନୁମତି ଦିଆଯାଇଛି । ତେବେ ମଲ, ବିଉଟି ପାର୍ଲର ବନ୍ଦ ରହିବ । ଏହି ଜିଲ୍ଲାଗୁଡିକରେ କୋଭିଡ୍ ନିୟମ ସହ ବସ୍ ଓ ଟ୍ୟାକ୍ସି ଆଦିରେ ସିଟ୍ ଅନୁସାରେ ନିର୍ଦ୍ଧାରିତ ସଂଖ୍ୟକ ଯାତ୍ରୀଙ୍କୁ ଅନୁମତି ମିଳିବ । ଅନ୍ୟପକ୍ଷରେ, କ୍ୟାଟେଗୋରୀ 'ବି' ରେ ଥିବା ୧୦ଟି ଜିଲ୍ଲା ହେଲା ନୟାଗଡ଼, ପୁରୀ, ବାଲେଶ୍ୱର, ଭଦ୍ରକ, ଜଗତସିଂହପୁର, ମୟୁରଭଞ୍ଜ, ଖୋର୍ଦ୍ଧା, କଟକ, ଯାଜପୁର, କେନ୍ଦ୍ରାପଡ଼ା । ଏସବୁ ଜିଲ୍ଲାରେ ସପ୍ତାହାନ୍ତ ସଟଡାଉନକୁ ପୂର୍ବଭଳି ଲାଗୁ ରହିବ ଓ ସକାଳ ୬ ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ କଟକଣାକୁ କୋହଳ କରାଯାଇଛି । ଏସବୁ ଜିଲ୍ଲାରେ ▶▶ପୃଷ୍ଠା ୭

କରୋନାରେ ମୃତ୍ୟୁ ହୋଇଥିବା ଲୋକଙ୍କ ପରିବାରକୁ ମିଳିବ ସରକାରୀ ସହାୟତା

ନୀତି ଓ ପରିମାଣ ପ୍ରସ୍ତୁତ କରିବାକୁ କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୩୦/୦୬: ସୁପ୍ରିମକୋର୍ଟ ଭାରତ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କି କରୋନା ସଂକ୍ରମଣରେ ମୃତ୍ୟୁ ହୋଇଥିବା ଲୋକଙ୍କର ପରିବାର ଲୋକଙ୍କୁ ସହାୟତା ରାଶି ଯୋଗାଇ ଦେବା ନେଇ ନୀତି ନିର୍ଦ୍ଧାରଣ କରାଯାଉ । ଜଷ୍ଟିସ ଅଶୋକ ଭୂଷଣଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି କି, କୋର୍ଟଙ୍କ ତରଫରୁ ସହାୟତା ରାଶି ନିର୍ଦ୍ଧାରଣ କରି ପାରିବେ ନାହିଁ । ସରକାର ପୀଡିତ ପରିବାରକୁ ସହାୟତା ଦେବା ନେଇ ନିଷ୍ପତ୍ତି କରିପାରିବେ । କୋର୍ଟ କହିଛନ୍ତି କି, ସରକାର ତାଙ୍କ ଆର୍ଥିକ କ୍ଷମତା ଅନୁସାରେ ସହାୟତା ରାଶି ଘୋଷଣା କରିପାରିବେ । ନିୟମ ଓ ଆର୍ଥିକ କ୍ଷମତା ମୁତାବକ ନ୍ୟାସନାଲ ଡିଜାଷ୍ଟାର ମ୍ୟାନେଜମେଣ୍ଟ ଅଥରେଟି ସହାୟତା ରାଶି ଓ ନୀତି ନିର୍ଦ୍ଧାରଣ କରିପାରିବେ ।

ଏନେଇ ସରକାରଙ୍କୁ କୋର୍ଟ ତରଫରୁ ୬ ସପ୍ତାହ ସମୟ ଦିଆଯାଇଛି । କହିରଖୁ ଏନେଇ କୋର୍ଟରେ ଆବେଦନ କରିଥିବା ଯାଚିକା କର୍ତ୍ତା କରୋନା ସଂକ୍ରମଣରେ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ସହାୟତା ରାଶି ▶▶ପୃଷ୍ଠା ୭

କଂଗ୍ରେସରେ ସିଦ୍ଧୁଙ୍କୁ ମିଳିପାରେ ବଡ ଦାୟିତ୍ୱ

ନୂଆଦିଲ୍ଲୀ,୩୦/୦୬: ପଞ୍ଜାବ କଂଗ୍ରେସରେ ଲାଗି ରହିଥିବା କଳହ ଭିତରେ ନବଜାତସିଂ ସିଦ୍ଧୁଙ୍କୁ ଦଳ କିଛି ବଡ ଦାୟୀତ୍ୱ ଦେଇପାରେ ବୋଲି ଅନୁମାନ କରାଯାଉଛି । ବୁଧବାର ଦିନ ପ୍ରିୟଙ୍କା ଗାନ୍ଧୀଙ୍କ ସହ ବୈଠକ ପରେ ▶▶ପୃଷ୍ଠା ୭

ପୁଣି ଜାମ୍ମୁ ଆକାଶରେ ଉଡିଲା ଅଜଣା ଡ୍ରୋନ

ସେନା କ୍ୟାମ୍ପ ନିକଟ ୩ଟି ସ୍ଥାନରେ ଦେଖାଗଲା ଗତିବିଧି

ଜାମ୍ମୁ,୩୦/୦୬ (ନି.ପ୍ର): ଜାମ୍ମୁ ଡିଫେନ୍ସ କ୍ୟାମ୍ପ ନିକଟରେ ପୁଣି ଦେଖାଗଲା ଡ୍ରୋନ୍ । ଆଜି ଭୋରରୁ ୩ଟି ସ୍ଥାନରେ ଅଜଣା ଡ୍ରୋନ୍ ଉଡୁଥିବା ଦେଖାଯାଇଛି । ଜାମ୍ମୁର କୁଲଚୌକ, ମୀରା ସାହିବ ଓ କୁଞ୍ଜବାଣୀ ଅଂଚଳରେ ଡ୍ରୋନ୍ ଗତିବିଧି ଦେଖାଯାଇଛି । ତେବେ ଚିନ୍ତାର ବିଷୟ ହେଉଛି, ଏହି ଗତିବିଧି ପ୍ରତିରକ୍ଷା ପ୍ରତିଷ୍ଠାନର ଆଖପାଖ ଅଂଚଳରେ ହେଉଛି । ଆଜି ଭୋର ପ୍ରାୟ ୪ଟା ୪୦ରେ କୁଲଚୌକର ଗୌସ୍ୱାମୀ ଏନକ୍ଲେଭ ନିକଟରେ ଗୋଟିଏ ଡ୍ରୋନ ଦେଖାଯାଇଥିବାବେଳେ ୪ଟା ୫୨ରେ କୁଞ୍ଜବାଣୀ ଅଂଚଳରେ ଏୟାରଫୋର୍ସ ସିଗ୍ନାଲ ନିକଟରେ



ଅନ୍ୟଏକ ଡ୍ରୋନ ଦେଖିବାକୁ ମିଳିଛି । ଡ୍ରୋନଟି ୮ଶହ ମିଟର ଉଚ୍ଚତାରେ ଉଡୁଥିବାରୁ ଏହାର ଗତିବିଧି ଅଧିକ ସନ୍ଦେହଜନକ ହୋଇପଡିଛି । ଗତ ୪ ଦିନଭିତରେ ପ୍ରାୟ ୭ଟି ▶▶ପୃଷ୍ଠା ୭

ରାଜ୍ୟରେ ଗତ ୨୪ ଘଂଟାରେ କରୋନାରେ ୪୮ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୩୦/୦୬ (ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ କରୋନାରେ ୪୮ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୪୦୧୮ ହୋଇ ଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୭ ଜଣ କରୋନା ▶▶ପୃଷ୍ଠା ୭

ଜମ୍ମୁ-କାଶ୍ମୀରରେ ଶୀଘ୍ର ବିଧାନସଭା ନିର୍ବାଚନ ପାଇଁ ସରକାରଙ୍କ ପ୍ରସ୍ତୁତି

ଜମ୍ମୁ-କାଶ୍ମୀର, ୩୦/୦୬ (ନି.ପ୍ର): ଜମ୍ମୁ-କାଶ୍ମୀରରେ ବିଧାନସଭା ନିର୍ବାଚନ ପାଇଁ କେନ୍ଦ୍ର ସରକାର ଯୋଜନା ପ୍ରସ୍ତୁତି କରୁଛନ୍ତି । ପ୍ରଧାନମନ୍ତ୍ରୀ ମୋଦିଙ୍କ ସର୍ବଦଳୀୟ ବୈଠକ ପରେ ପରିସୀମନ ଆୟୋଗ ଜୁଲାଇ ୬ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ଜମ୍ମୁ-କାଶ୍ମୀର ଗସ୍ତ କରିବେ । ଏନେଇ ସୂଚନା ଦେଇଛନ୍ତି ନିର୍ବାଚନ ଆୟୋଗଙ୍କ ମୁଖପାତ୍ର । ତାଙ୍କ ସୂଚନା ମୁତାବକ ପରିସୀମନ ଆୟୋଗ ୬ ଜୁଲାଇରୁ ୩ ଦିନିଆ ଜମ୍ମୁ-କାଶ୍ମୀର ଗସ୍ତରେ ଯାଇ ସେଠିକାର ରାଜନୈତିକ ଦଳର ନେତା, ଲୋକପ୍ରତିନିଧି ଓ ପ୍ରଶାସନ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଏହାସହିତ ପରିସୀମନ ଆୟୋଗ

ସେଠାରେ ଆଇଜି ଅଧିକାରୀ ସ୍ତରରେ ଏକ ବୈଠକ କରିବେ । ଆୟୋଗ ତରଫରୁ ଖୁବଶୀଘ୍ର ଆସନ ସୀମା ନିର୍ଦ୍ଧାରଣ କରିବେ । ଏହାପରେ ରାଜ୍ୟରେ ବିଧାନସଭା ନିର୍ବାଚନ ନେଇ ଘୋଷଣା ହେବ । ନିର୍ବାଚନ ପ୍ୟାନେଲ ବୈଠକ ପରେ ଏଭଳି ନିଷ୍ପତ୍ତି ନିଆଯାଇଛି । ଏହି ବୈଠକରେ ସୀମା ନିର୍ଦ୍ଧାରଣ ଆୟୋଗର ▶▶ପୃଷ୍ଠା ୭

ଦୂତୀ ଚାନ୍ଦଙ୍କୁ ମିଳିଲା ଟୋକିଓ ଅଲିମ୍ପିକ୍ସ ଟିକେଟ

ୱାର୍ଲ୍ଡ ର୍ୟାଙ୍କିଂ ଆଧାରରେ ଚୟନ ହେଲେ ଦୂତୀ

ଭୁବନେଶ୍ୱର,୩୦/୦୬(ନି.ପ୍ର): ସ୍ପ୍ରିଣ୍ଟର ଦୂତୀ ଚାନ୍ଦଙ୍କୁ ମିଳିଲା ଟୋକିଓ ଅଲିମ୍ପିକ୍ସ ଟିକେଟ । ୱାର୍ଲ୍ଡ ରାଙ୍କିଂ ଆଧାରରେ ଚୟନ ହୋଇଛନ୍ତି ଦୂତୀ ଚାନ୍ଦ । ୧୦୦ ଓ ୨୦୦ ମିଟର ଦୌଡରେ ଦୂତୀ ଯୋଗ୍ୟତା ଅର୍ଜନ କରିଛନ୍ତି । ଏନେଇ ନିଜେ ଟ୍ୱିଟ କରି ସୂଚନା ଦେଇଛନ୍ତି ଦୂତୀ ଚାନ୍ଦ । ଏନେଇ କନକ ନ୍ୟୁଜଙ୍କୁ ମଧ୍ୟ ନିଜ ପ୍ରତିକ୍ରିୟା ଦେଇଛନ୍ତି ଦୂତୀ । ଦୂତୀ କହିଛନ୍ତି, ୨ ବର୍ଷ ହେବ ଦେଖୁଥିବା ଟୋକିଓ ସ୍ୱପ୍ନ ସାକାର

ହୋଇଛି । ୨ୟ ଅଲମ୍ପିୟାନ ଭାବେ ସୁଯୋଗ ପାଇଥିବାରୁ ଖୁସି ଲାଗୁଛି । ଓଡିଶା ବାସୀଙ୍କ ଆଶୀର୍ବାଦ ରହିଲେ ଆଗକୁ ସଫଳ ହେବି ।

୧୦୮ ସହ ମିଶିଲା ୧୦୨ ଆମ୍ବୁଲାନ୍ସ ସେବା

ଭୁବନେଶ୍ୱର,୩୦/୦୬(ନି.ପ୍ର): ପୂର୍ବରୁ ଗର୍ଭବତୀ ଏବଂ ନବଜାତକ ଶିଶୁ ମାନଙ୍କ ପାଇଁ ଉପଲବ୍ଧ ଥିବା ୧୦୨ ଆମ୍ବୁଲାନ୍ସ ସେବାକୁ ୧୦୮ ନମ୍ବର ସହ ମିଶ୍ରଣ କରାଯାଇଛି । ଏ ସଂପର୍କରେ ସୂଚନା ଦେଇ ଓଡିଶାରେ ୧୦୮ ଆମ୍ବୁଲାନ୍ସ ପ୍ରକଳ୍ପ ମୁଖ୍ୟ,ସବ୍ୟସାଚୀ ବିଶ୍ୱାଳ କହିଛନ୍ତି ଯେ, 'ସରକାରଙ୍କ ଦ୍ୱାରା ଆମ୍ବୁଲାନ୍ସ ସେବା ପାଇଁ ଏକକ ୧୦୮ ନମ୍ବର କରାଯିବା ଅତି ଉତମ ପଦକ୍ଷେପ । ଏହା ଦ୍ୱାରା ଗର୍ଭବତୀଙ୍କ ଠାରୁ ନେଇ ବିଭିନ୍ନ ରୋଗୀ ନିକଟସ୍ଥ ସରକାରୀ ହସ୍ପିଟାଲକୁ ଯିବାକୁ ହେଲେ କେବଳ ୧୦୮ ନମ୍ବରକୁ ହିଁ କଲ କରିବେ । ୧୦୨ କଲ ସେଣ୍ଟର ଆବଶ୍ୟକତା ଆଗକୁ ନଥିବା ଦୃଷ୍ଟିରୁ ଏହାକୁ ବନ୍ଦ କରିବା ପ୍ରକ୍ରିୟା ଧିରେ ଧିରେ ଆରମ୍ଭ ହୋଇଯାଇଛି । ଏଥି ନିମନ୍ତେ ରାଜ୍ୟର ବିଭିନ୍ନ ▶▶ପୃଷ୍ଠା ୭

ସାମନାକୁ ଆସିଲା ଟିକା ଅଭାବର ସାଂଘାତିକ ଚିତ୍ର

ରାଜ୍ୟର ୧୧ଟି ଜିଲ୍ଲାରେ ଟିକାକରଣ ବନ୍ଦ; ମାତ୍ର ୨୧୦ ଟିକାକରଣ କେନ୍ଦ୍ରରେ ଦିଆଯିବ ଟିକା

ଭୁବନେଶ୍ୱର,୩୦/୦୬(ନି.ପ୍ର): ସାମନାକୁ ଆସିଲା ଟିକା ଅଭାବର ସାଂଘାତିକ ଚିତ୍ର । ଆଜିଠାରୁ ରାଜ୍ୟର ୧୧ଟି ଜିଲ୍ଲାରେ ଟିକାକରଣ ବନ୍ଦ । ଟିକା ନଥିବାରୁ ରାଜ୍ୟରେ ଆଜି ମାତ୍ର ୨୧୦ଟି ଟିକାକରଣ କେନ୍ଦ୍ରରେ ଟିକା ଦିଆଯିବ । ଅନୁଗୁଳ, ବଲାଙ୍ଗୀର, ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ଗଞ୍ଜାମ, ଯାଜପୁର, ଝାରସୁଗୁଡା, କେନ୍ଦ୍ରାପଡା, କୋରାପୁଟ ଓ ସୋନପୁରରେ ଟିକାକରଣ ସମ୍ପୂର୍ଣ୍ଣ ବନ୍ଦ ରହିବ । ଜୁନ୍ ୨୧ ପରେ ଆଜି ସବୁଠାରୁ କମ ଟିକା ଦିଆଯିବ । କୋଭିସିଲ୍ଡ ଟିକା ନଥିବାରୁ ଏଭଳି ସ୍ଥିତି ଉପୁଜିଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି । ରାଜ୍ୟରେ ଏବେ କୋଭିସିଲ୍ଡ ଟିକାର ମାତ୍ର ୩୮ ହଜାର ୩୮୦ ଡୋଜ୍ ରହିଛି । ଏବଂ ଜୁଲାଇ ଦୁଇ ପରେ ରାଜ୍ୟକୁ ପରବର୍ତି କୋଭିସିଲ୍ଡ ଟିକା ଆସିବ ବୋଲି କୁହାଯାଇଛି । ଜୁନ୍ ୨୧ରୁ କ୍ୟାମ୍ପେନ ମୋଡରେ ଚାଲିଥିଲା ଟିକାକରଣ । ହେଲେ ଟିକା ଅଭାବ ଯୋଗୁଁ ଏହି ଅଭିଯାନରେ ଏବେ ବାଧା ସୃଷ୍ଟି ହୋଇଛି ।

୨୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର,୩୦/୦୬(ନି.ପ୍ର): ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିବାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୨୧ ଟି ଜିଲ୍ଲାରେ ବଜ୍ରପାତ ସହ ସ୍ଥାନେ ସ୍ଥାନେ ବର୍ଷା ହେବାର ସମ୍ଭାବନା ରହିଛି। ଏଥିଲାଗି ସମ୍ପୃକ୍ତ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡିକ ହେଲା ବାଲେଶ୍ୱର, ଭଦ୍ରକ , ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ ,ଗଂଜାମ , ଗଜପତି,କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି , କନ୍ଧମାଳ, ବୌଦ୍ଧ, ସୁନ୍ଦରଗଡ, ଦେବଗଡ, କେନ୍ଦୁଝର ଓ ମୟୁରଭଂଜ। ▶▶ପୃଷ୍ଠା ୭

ଚିନ୍ତା ବଢାଉଛି କରୋନାର ନୂଆ ଲକ୍ଷଣ



- ମଳରେ ରକ୍ତ ପଡ଼ିବା ସହ ପେଟରେ ହେଉଛି ଅସହ୍ୟ ଯନ୍ତ୍ରଣା
- ୫ ଜଣ ଆକ୍ରାନ୍ତଙ୍କ ଠାରେ ଦେଖାଦେଇଛି ଏଭଳି ଲକ୍ଷଣ

ଭୁବନେଶ୍ୱର,୩୦/୦୬(ନି.ପ୍ର): କରୋନାକୁ ନେଇ ଆସିଲା ଆଉ ଏକ ନୂଆ ଲକ୍ଷଣ । କରୋନା ଆକ୍ରାନ୍ତ ବ୍ୟକ୍ତିଙ୍କ ମଳରେ ରକ୍ତ ପଡ଼ିବା ସହ ପେଟରେ ଯନ୍ତ୍ରଣା ଅନୁଭବର ଖବର ଆସିଛି । ଦିଲ୍ଲୀର ଶ୍ରୀ ଗଙ୍ଗାରାମ ହସ୍ପିଟାଲରୁ ୫ ଜଣ କରୋନା ଆକ୍ରାନ୍ତଙ୍କ ଠାରେ ଏଭଳି ଲକ୍ଷଣ ଦେଖାଦେଇଛି । କରୋନାର ଦ୍ୱିତୀୟ ଲହର ବେଳେ ଆକ୍ରାନ୍ତଙ୍କ ଠାରେ ଏହି ଲକ୍ଷଣ ଦେଖାଦେଇଥିଲା । ହସ୍ପିଟାଲ ପକ୍ଷରୁ ଜାରି କରାଯାଇଥିବା ସୂଚନାରେ କୁହାଯାଇଛି ଯେ, ଚଳିବର୍ଷ ଏପ୍ରିଲରୁ ମେ ମାସ ମଧ୍ୟରେ ୫ ଜଣ ଆକ୍ରାନ୍ତଙ୍କ ଠାରେ ମଳରେ ରକ୍ତ ପଡ଼ିବା ଓ ପେଟରେ ଯନ୍ତ୍ରଣା ଭଳି ଲକ୍ଷଣ ଦେଖାଯାଇଥିଲା । ୩୦ରୁ ୭୦ ବର୍ଷ ମଧ୍ୟରେ ଥିଲେ ଏହି ୫ ଜଣ ଆକ୍ରାନ୍ତ । ୨୦ରୁ ୩୦ ଦିନ ଭଳି ଆକ୍ରାନ୍ତଙ୍କ ଠାରେ ଏଭଳି ଲକ୍ଷଣ ଲାଗି ରହିଥିଲା । ଏହି ଆକ୍ରାନ୍ତଙ୍କ ମଧ୍ୟରୁ ୩ ଜଣ ସୁସ୍ଥ ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ଘଟିଥିଲା । ଦେଶରେ ଆକ୍ରାନ୍ତଙ୍କ ଠାରେ ଏଭଳି ଲକ୍ଷଣ ଦେଖାଦେବାର ଏହା ପ୍ରଥମ ଘଟଣା । ଏହାକୁ ନେଇ ଅଧିକ ଅନୁଧ୍ୟାନ ଓ ବିଶ୍ଳେଷଣ କରାଯାଉଛି । କରୋନା ଲକ୍ଷଣକୁ ଶୀଘ୍ର ଠାବ କରି ଚିକିତ୍ସା କରିବା ଉପରେ ଡାକ୍ତରମାନେ ପରାମର୍ଶ ଦେଇଛନ୍ତି ।

ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧିକୁ ନେଇ ବାମପନ୍ଥୀଙ୍କ ମିଳିତ ପ୍ରତିବାଦ

ବାଲେଶ୍ୱର,୩୦/୬ (ନି.ପ୍ର): ପେଟ୍ରୋଲ, ଡିଜେଲ, ଜାଳେଣି ଗ୍ୟାସ ସାଙ୍ଗକୁ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ଅହେତୁକ ଦରବୃଦ୍ଧି ପ୍ରତିବାଦ ଗତ ୧୬ ତାରିଖରୁ ଦେଶବ୍ୟାପୀ ଏହି ଆନ୍ଦୋଳନ ଜାରି ରହିଥିବା ବେଳେ ବାଲେଶ୍ୱରରେ ବି ଅନୁରୂପ ପ୍ରତିଫଳନ ଲକ୍ଷ୍ୟ କରାଯାଇଛି। ବାମପନ୍ଥୀ ଦଳଙ୍କ ମିଳିତ ସହଯୋଗରେ ପକ୍ଷରୁ ସ୍ଥାନୀୟ ବିଚାରଗଞ୍ଜ ଛକ ନିକଟରେ ବିକ୍ଷୋଭ ପ୍ରଦର୍ଶନ ତଥା ପ୍ରତିବାଦ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବର୍ଷୀୟାନ କମ୍ୟୁନିଷ୍ଟ ନେତା ଗୌରାଙ୍ଗ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରତିବାଦ ସଭାରେ ସିପିଆଇ(ଏମ) ଜିଲା ସଂପାଦକ ଶିଶିର ହୁଇ, ସିପିଆଇର ନାରୀ ନେତ୍ରୀ ବନ୍ଦନା ବିଶ୍ୱାସ, ଫରୱାର୍ଡ଼ ବ୍ଲକପକ୍ଷରୁ ସର୍ବେଶ୍ୱର ମିଶ୍ର, ସିପିଆଇ(ଏମ) ରାଜ୍ୟ ନେତା ନିର୍ମଳ ନାୟକ, ଶ୍ୟାମସୁନ୍ଦର ଜେନା, ଅସୀତ ବରଣ ଦାସ, ଭରତ ସେଠୀ ଓ ନିକୁଞ୍ଜ ବସନ୍ତ ରାୟ ପ୍ରମୁଖ ଯୋଗଦେଇ ତୈଳଦର ବୃଦ୍ଧିରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି। ପେଟ୍ରୋଲ, ଡିଜେଲ ଦର ଆନ୍ତର୍ଜାତିକ ସ୍ତରରେ ହ୍ରାସ ପାଉଥିବାବେଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅହେତୁକ ଟିକସ ବୃଦ୍ଧି ଯୋଗୁଁ ଦରବୃଦ୍ଧି ହେଉଛି। ତୈଳଦର ବୃଦ୍ଧି ଫଳରେ ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ମୂଲ୍ୟବୃଦ୍ଧି ହେଉଛି ବୋଲି ସେମାମାନେ ଅଭିଯୋଗ କରିଥିଲେ। ବିଜେପିର ତ୍ରୁଟିପୂର୍ଣ୍ଣ ଅର୍ଥନୀତି ଯୋଗୁଁ ଏହି ତୈଳଦର ବୃଦ୍ଧି ହେଉଛି। ସେହିପରି ୧୯୫୫ ମସିହାରୁ ପ୍ରଚଳିତ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ଉପରେ ଥିବା ନିୟନ୍ତ୍ରଣ ଆଇନକୁ ମୋଦୀ ସରକାର ଉଠାଇ ଦେବାରୁ କଳା ବଜାରୀ ଓ ମହଜୁଦକାରୀ ଡାଲି, ଖାଇବା ତେଲ ଓ ଔଷଧ ପ୍ରଭୃତିର ଆକାଶଛୁଆଁ ଦରବୃଦ୍ଧି କରୁଛନ୍ତି। ଜାଳେଣି ଗ୍ୟାସ୍ ସିଲିଣ୍ଡର ହଜାରେ ଟଙ୍କାରେ ପହଞ୍ଚିଲାଣି ବୋଲି ସେମାନେ ଅଭିଯୋଗ କରିଥିଲେ। କରୋନା ମହାମାରୀ ସମୟରେ ପ୍ରତିବାଦ, ଆନ୍ଦୋଳନ ଓ ବିକ୍ଷୋଭ ଉପରେ ଅଙ୍କୁଶ ଲଗାଯାଇଥିବାରୁ ଏହା ସରକାରଙ୍କୁ ଏକ ସୁଯୋଗ ଆଣିଦେଇଛି। ମହାମାରୀ କାରଣରୁ ଲକ୍‌ଡାଉନ୍, ସଟ୍‌ଡାଉନ୍ ପ୍ରଭୃତି ବଳବତ୍ତର ଥିବାରୁ ସମସ୍ତ ପରିବାରରେ ରୋଜଗାର ହ୍ରାସ ପାଇଥିବାବେଳେ ଦରବୃଦ୍ଧି ଜନଗଣଙ୍କୁ ଅତିଷ୍ଠ କରିଛି। ତେଣୁ ତୈଳଦର ଉପରେ ଟିକସ ହ୍ରାସ କରିବା, ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା, କଳାବଜାରୀ ଓ ମହଜୁଦ୍‌କାରୀଙ୍କୁ ଗିରଫ କରିବା, ପ୍ରତିପରିବାରକୁ ମାସିକ ମୁଣ୍ଡପିଛା ୧୦କିଲୋ ଚାଉଳ କିମ୍ବା ଗହମ ମାଗଣାରେ ଦେବା, ଆୟକର ଦେଉନଥିବା ପରିବାରଙ୍କୁ ଆସନ୍ତା ଛଅମାସ ପାଇଁ ମାସିକ ୭୫୦୦ଟଙ୍କା ସହାୟତା ଦେବା, କଳା କୃଷି ଆଇନକୁ ପ୍ରତ୍ୟାହାର କରିବା, ବନ୍ଦ କଳକାରଖାନାଗୁଡ଼ିକୁ ଚାଲୁକରିବା ଓ ଟିକାକରଣରେ ସ୍ୱଚ୍ଛତା ଓ ବ୍ୟାପକତା ପାଇଁ ବିକ୍ଷୋଭକାରୀମାନେ ଦାବି କରିଥିଲେ। ସମାବେଶରେ ସୁଶାନ୍ତ ନାୟକ, ସୁଶାନ୍ତ ଜେନା, ଉମାକାନ୍ତ ଜେନା, ବିଜୟ ଲକ୍ଷ୍ମୀ ପତି, ହେମପ୍ରିୟା ବାରିକ, ଶଶିକାନ୍ତ ବେହେରା ଓ ମନ୍ମଥ ପରିଡ଼ା ପ୍ରମୁଖ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ନେତୃତ୍ୱ ନେଇଥିଲେ। ପ୍ରେମରଂଜନ ପାତ୍ର ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ବୋଲେରୋ ସହ ୧୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ମୋବାଇଲ ଟାୱାର ସାମଗ୍ରୀ ଜବତ

ଧାମନଗର,୩୦/୬ (ନି.ପ୍ର): କୌଣସି ଏକ ବିଶେଷ ସୁତ୍ରରୁ ଖବର ପାଇ ୧୬ନମ୍ବର ଜାତୀୟ ରାଜପଥ ଧାମନଗର ଛକ ଠାରେ କେନ୍ଦୁଝରରୁ ଧାମନଗରକୁ ଆସୁଥିବା ଏକ ବୋଲେରୋକୁ ଧାମନଗର ପୋଲିସ ଅଟକାଇ ଥିଲା । ଧାମନଗର ଥାନା ଆଇଆଇସି ପ୍ରଦୀପ ମହନ୍ତଙ୍କ ନିର୍ଦ୍ଦେଶରେ ଏସଆଇ ମୋତିଲାଲ ମାରାଣ୍ଡି ସଦଳବଳେ ରାତ୍ର ପେଟ୍ରୋଲିଂ ବେଳେ ସକାଳ ୫ଟା ୩୦ ମିନିଟ୍ ସମୟରେ ଏକ ବୋଲେରୋକୁ ସନ୍ଦେହ କରି ପଚରାଉଚୁରା ପରେ ୬.୪୫ମିନିଟରେ ଏହି ଚଢାଉ ଆରମ୍ଭ କରି ଜବତ କରିଥିଲେ । ଓଆର ୦୪କେ ୦୨୨୬ ନମ୍ବର ବୋଲେରୋ ପ୍ଲସ ଏକ ଗାଡିରେ ଆନୁମାନିକ ୧୫ଲକ୍ଷରୁ ଉର୍ଦ୍ଧ୍ୱ ମୂଲ୍ୟର ଭୋଡାଫୋନ ଟାୱାରର ୩୨ଟି ବିଟିଏସ କାର୍ଡ ଜବତ କରିଥିଲା । ମହାମାରୀ କରୋନା ସମୟରେ ଲକ୍ ଡାଉନ ଓ ସଟ୍ ଡାଉନର ସୁଯୋଗ ନେଇ ଲୁଟେରା ମାନେ ସକ୍ରିୟ ହୋଇଛନ୍ତି । ଗ୍ରାମାଂଚଳରେ ମଦ, ଗଞ୍ଜେ ଓ ବ୍ରାଉନସୁଗାର କାରବାର ସାଙ୍ଗକୁ ପ୍ରତିଦିନ ଚୋରି ଓ ଛୋଟବଡ ଗଣ୍ଡଗୋଳ ମାନ ଘଟୁଛି । ଏହି ସମୟ ଚୋର ଓ ଲୁଟେରାଙ୍କ ପାଇଁ ପୁଷ ମାସ ପାଲଟିଛି। ଏହି ଲୁଟରେ ସମ୍ପୃକ୍ତ ଧାମନଗର ହବିବ ନଗରର ରବାନୀ ଖାନ, ନୁରାନୀ ଖାନ, ପିତା- ସାମସୁଦ୍ଦିନ ଖାନ ଓ ମିର ଗୋଲାମ ମୋହିଉଦ୍ଦିନ, ପିତା- ମିର ଉମର ଅଲ୍ଲୀଙ୍କୁ ଗିରଫ କରିଥିଲା । ଧାମନଗର ପୋଲିସ ଥାନା କେସ ନମ୍ବର ୧୮୪/୨୧ରେ ମାମଲା ରୁଜୁ କରିବା ସହ ତିନିଜଣ ଲୁଟେରାଙ୍କୁ କୋର୍ଟ ଚାଲାଣ କରିବାସହ ଅଧିକ ତଦନ୍ତ ପାଇଁ ଆଇଆଇସି ଶ୍ରୀ ମହନ୍ତ ଏସ୍‌ଆଇ ମୋତିଲାଲ ମାରାଣ୍ଡିଙ୍କୁ ଦାୟିତ୍ୱ ଦେଇଥିବା ଜଣାଯାଇଛି । ତେବେ ଲକଡାଉନ ଓ ସଟଡାଉନ ସମୟରେ ଧାମନଗର ପୋଲିସ ଅଧିକ ପେଟ୍ରୋଲିଂ କରିବା ସହ ଧାମନଗର ନଗର ଓ ଏହାର ଆଖ ପାଖ ଅଂଚଳରେ ଥିବା କବାଡିଆ ଦୋକାନୀଙ୍କ ଉପରେ ଚଢାଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବବୋଲି ଶ୍ରୀ ମହନ୍ତ ଆମପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି।

ମ୍ୟାଲେରିଆ ନିରାକରଣ ପାଇଁ ସଚେତନତା କାର୍ଯ୍ୟକ୍ରମ

କନ୍ଧମାଳ,୩୦/୬ (ନି.ପ୍ର): କନ୍ଧମାଳ ଜିଲା ଫୁଲବାଣୀ ବ୍ଲକର ଗୁମାଗଡ଼ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନସ୍ଥ ଜାମଝରି ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଦୁର୍ଗମ ଅଂଚଳ ସପାଙ୍ଗି ଗ୍ରାମରେ ମ୍ୟାଲେରିଆ ନିରାକରଣ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆୟୁସ୍ ଡ଼ାକ୍ତର ସନ୍ତୋଷିନି ଭୋଳ, ମହିଳା ସ୍ୱାସ୍ଥ୍ୟ କର୍ମୀ ମମତା ସ୍ୱାଇଁ, ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଦେବାଶିଷ୍ ବେହେରା, ମ୍ୟାଲେରିଆ ପରିଦର୍ଶକ ପ୍ରତ୍ୟୁଷ ସାବତଙ୍କ ସମେତ ସମସ୍ତ ଅଙ୍ଗନୱାଡ଼ି ଓ ଆଶା କର୍ମୀ ସହିତ ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ଜ୍ୟୋତ୍ସ୍ନାରାଣି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଅଂଚଳ ବାସୀଙ୍କର ରକ୍ତନମୁନା ସଂଗ୍ରହ କରାଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଗଲା । ଜନ୍ମରୁ ୫ ବର୍ଷରୁ ସମସ୍ତ ପିଲାଙ୍କର ଓଜନ, ବାହୁମାପ ସହିତ ରକ୍ତ ପରୀକ୍ଷା କରାଯିବା ସହିତ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଲୌହସାର, କ୍ୟାଲସିୟମ୍ ବଟିକା ଆଦି ପ୍ରଦାନ କରାଯାଇଥିଲା ।

ମାଗଣା ଚକ୍ଷୁ ଚିକିତ୍ସା ଶିବିର

ଜଳେଶ୍ୱର ,୩୦/୬ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ଗୋବରଘଟା ପଂଚାୟତର ହାଟ ପଦା ସେବାଶ୍ରମରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇ ଯାଇଛି । ନିୟୁ ଫେଣ୍ଡସ୍ କ୍ଲବର ସଦସ୍ୟ ଦେବୁ ବେହେରାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏବଂ ରୋଟାରୀ କ୍ଲବ ଅଫ ସୁବର୍ଣ୍ଣରେଖା ରାଇବଣିଆ ସହଭାଗିତାରେ ଏହି ଶିବିର ଅନୁଷ୍ଠିତ ହୋଇଯାଇଛି । ୧୨୦ଜଣ ରୋଗୀ ଚକ୍ଷୁ ପରୀକ୍ଷା କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୫ଜଣଙ୍କୁ ବାଲେଶ୍ୱର ରୋଟାରୀ ଭବନକୁ ଅପରେସନ ପାଇଁ ପଠାଯାଇଛି । ଏହି କାର୍ଯ୍ୟକ୍ରମକୁ ଅଜିତ୍ କୁମାର ମହାନ୍ତି, କମଳ ଚକ୍ରବର୍ତ୍ତୀ, ସୁକୁମାର ରଣା, ମନୋରଂଜନ ଦାସ, ସୁଦାମ ଚରଣ ପାତ୍ର, ରବିନ୍ଦ୍ର ବାରିକ, କ୍ଲବ୍‌ର ସଭାପତି ଉତ୍ତମ ପ୍ରଦାନ, ରାଜେଶ ରାୟ, ଦିଲ୍ଲିପ ନନ୍ଦୀ, ଗୌତମ ପରିଡା, ଚନ୍ଦନ ପଣ୍ଡା, ବାଦଲ ଦଳାଇ, ଜଗନ୍ନାଥ ରଣା, ସାରତି ରଣା, ଯୋଗେନ୍ଦ୍ର ରଣା, କେଶବ ପ୍ରଧାନ, ସରୋଜ କୁମାର ବେହେରାଙ୍କ ସହିତ ବହୁ ସଦସ୍ୟ ସହଯୋଗ କରିଥିଲେ । ଗୋବରଘଟା ସରପଂଚ ବିଦ୍ଧେଶ୍ୱର ପ୍ରଧାନ ଏହାକୁ ଫିତାକାଟି ଶୁଭାରମ୍ଭ କରିଥିଲେ ।

ପ୍ରସ୍ତାବିତ ସ୍ୱୟଂ ସହାୟିକା ମହାସଂଘ ଗୃହ ସ୍ଥାନାନ୍ତର ପାଇଁ ମହିଳାଙ୍କ ଦାବି

କେନ୍ଦ୍ରାପଡ଼ା,୩୦/୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ସଂସିଦ୍ଧା ଗ୍ରାମ ପଂଚାୟତ ମହାସଂଘ ଗୃହ ନିର୍ମାଣ କରାଯାଉ ଥିବାବେଳେ ଏହାକୁ ରାଜୀବ ଭବନ ପରିସରରେ କରିବା ପାଇଁ ପ୍ରସ୍ତାବ ରହିଛି । ମହାସଂଘର ସଦସ୍ୟା ମାନେ ଏହାକୁ ସ୍ଥାନାନ୍ତର କରି ସଂସିଦ୍ଧା ପଂଚାୟତର ମଧ୍ୟ ସ୍ତର ଦକ୍ଷିଣେଶ୍ୱର ଏମଇ ସ୍କୁଲ ନିକଟରେ ନିର୍ମାଣ କରିବା ପାଇଁ ଦାବି କରାଯାଇଛି । ଏନେଇ ସଭାପତି ଶାନ୍ତିଲତା ଦାସ, ଗୀତାରାଣୀ ସାହୁ, ବିଦୁଲତା ପରିଡା, ଗୀତାରାଣୀ ଧଳ, ଭକ୍ତିଲତା ସାହୁ, ସୁଭଦ୍ରା ଧଳ, ସବିତା ବେହେରା, ମଲି ବେହେରା ପ୍ରମୁଖ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

ଭଦ୍ରକରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ପ୍ରସଙ୍ଗ

ଭଦ୍ରକରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା ପାଇଁ ଦାୟୀ କିଏ ?

ଭଦ୍ରକ,୩୦/୬ (ନି.ପ୍ର): ଭଦ୍ରକ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ଆବାହକ ସ୍ତମ୍ଭକାର ଅଭୟ ଦ୍ୱିବେଦୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଗତକାଲି ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସନ୍ତୋଷ କୁମାର ପାତ୍ରଙ୍କ ସହିତ ଜିଲାର ସ୍ୱାସ୍ଥ୍ୟ ସେବା ସଂପର୍କରେ ଦୀର୍ଘକାଳ ଆଲୋଚନା କରିଥିଲେ । ଏହି ଆଲୋଚନାରେ ଡାକ୍ତର ହରେକୃଷ୍ଣ ନାୟକ, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ଶାନ୍ତନୁ ରାଉତ, ରାଧାରାଣୀ ମହାପାତ୍ର, ସୁଧାକର ରାଉତ, ଶ୍ରୀହର୍ଷ ସ୍ୱାଇଁ ,ସୀତାକାନ୍ତ ଦାସ ଏବଂ ଡାକ୍ତର ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଆଲୋଚନାର ନିଷ୍କର୍ଷ ଯେତିକି ଦୁଃଖଦାୟକ, ବହୁ ଅଧିକ ମର୍ମନ୍ତୁଦ । ସବୁ କିଛି ହାତ ପାଆନ୍ତାରେ ଥାଇ ମଧ୍ୟ ଭଦ୍ରକ ଜିଲା ସବୁ କ୍ଷେତ୍ରରେ ପଛ ଧାଡିରେ ରହିଯାଇଛି । ଦୁଇ ଦିନ ତଳେ ସରକାର ରାଜ୍ୟରେ ଦଶଟି ନର୍ସିଂ କଲେଜ ଘୋଷଣା କରିଥିଲେ ମଧ୍ୟ ସେଥିରେ ଭଦ୍ରକର ସ୍ଥାନ ନାହିଁ । ୨୦୧୭ ମସିହାରେ ଭଦ୍ରକରେ ଏକ ନର୍ସିଂ ସ୍କୁଲ ପ୍ରତିଷ୍ଠା ନିମନ୍ତେ ସରକାରଙ୍କ ତରଫରୁ ଏକ ପ୍ରସ୍ତାବ ଆସିଥିଲା । ନିଜସ୍ୱ ଗୃହ ନ ଥିଲେ ମଧ୍ୟ ଭଡା ଘରେ ଏହା ଚାଲୁ କରିବା ପାଇଁ ପ୍ରସ୍ତାବରେ ଉଲ୍ଲେଖ ଥିଲା । ସେହି ସମୟରେ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ତରଫରୁ ଏ ସଂପର୍କରେ ତତ୍କାଳୀନ ଜିଲା ମୁଖ୍ୟ ଚିକିତ୍ସାଧାରୀଙ୍କ ସହ ବାରମ୍ବାର ଆଲୋଚନା ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇ ପାରି ନ ଥିଲା । ପରେ ଜଣା ପଡିଲା, ଦୁଇ ନେତାଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହେବାରୁ ଏଭଳି ପରିସ୍ଥିତି ଉପୁଜିଥିଲା । ଗତକାଲିର ଆଲୋଚନାରେ ନର୍ସିଂ ସ୍କୁଲ ପ୍ରସଙ୍ଗ ଉଠିବାରୁ ଜିଲା ମୁଖ୍ୟ ଚିକିତ୍ସାଧୀକାରୀ ସେଭଳି କୌଣସି ପ୍ରସ୍ତାବ ନାହିଁ ବୋଲି ସ୍ପଷ୍ଟ କରିଥିଲେ । ଖୋଳତାଡରୁ ଜଣା ପଡିଲା, ସେହି ପୁରୁଣା ପ୍ରସ୍ତାବର ଅବଧି ସମାପ୍ତ ହୋଇଯାଇଛି । ଫଳରେ ତାହା ଆଉ କାର୍ଯ୍ୟକାରୀ ହୋଇପାରିବ ନାହିଁ । ତଥାପି ସେ ଏକ ଏଏନ୍‌ଏମ୍ କଲେଜ ପ୍ରତିଷ୍ଠା ପାଇଁ ସରକାରଙ୍କୁ ପ୍ରସ୍ତାବ ଦେବେ ବୋଲି ପ୍ରକାଶ କରିଥିଲେ । ପ୍ରଶ୍ନ ଉଠୁଛି, ସରକାର ପଠାଇଥିବା ସେହି ଚାରି ବର୍ଷର ପୁରୁଣା ପ୍ରସ୍ତାବ କାହିଁକି କାର୍ଯ୍ୟକାରୀ ହେଲା ନାହିଁ ? ଭଦ୍ରକବାସୀ ଏଥି ନିମନ୍ତେ କାହାକୁ ଦାୟୀ କରିବେ ? ସିଡିଏମ୍‌ଓ ପ୍ରସ୍ତାବ ପଠାଇଦେଲେ, ତାହା କ'ଣ ସରକାର ଗ୍ରହଣ କରି ନେବେ କି ? ସେ ପ୍ରସ୍ତାବ ସେଇମିତି ହୁଏତ ଫାଇଲ ଭିତରେ ପଡି ରହିପାରେ । ଏଥି ନିମନ୍ତେ ସ୍ଥାନୀୟ ନେତୃବୃନ୍ଦଙ୍କର ଯେଉଁ ରାଜନୈତିକ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି, ତାହା ସ୍ପଷ୍ଟ ନ ହେଲେ ସବୁ କିଛି ହାତରୁ ଚାଲିଯିବ । ଆମର ତିନୋଟି ପଡୋଶୀ ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ହେବା ସହିତ ସେଠାକାର ସଦର ମହକୁମା ଚିକିତ୍ସାଳୟରେ ସମସ୍ତ ବିଭାଗ ଏବଂ ସୁବିଧା ଥିବାବେଳେ, ଆମ ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବୀ ଦୀର୍ଘ ବର୍ଷ ଧରି କେବଳ ଦାବୀରେ ରହିଛି କାହିଁକି ? ଏ ସଂପର୍କରେ ଜିଲା ଚିକିତ୍ସାଧିକାରୀ ନିଜର ଅସହାୟତା ପ୍ରକାଶ କରିଥିଲେ । ଆଲୋଚନାକାଳରେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ବ୍ଲକରେ ଥିବା ଡାକ୍ତରଖାନାଗୁଡିକରେ ଡାକ୍ତର ଏବଂ ପାରା ମେଡିକାଲ ପୋଷ୍ଟ ଯେଉଁ ସଂଖ୍ୟାରେ ଅଭାବ ରହିଛି, ସେ ପ୍ରସଙ୍ଗ ଉଠିଥିଲା । ତାହାର ନିର୍ଯ୍ୟାସ ସମସ୍ତଙ୍କୁ ଚକିତ କରିଦେବ । ଜିଲାରେ ସମୁଦାୟ ଅନୁମୋଦିତ ଡାକ୍ତରଙ୍କ ସଂଖ୍ୟା ୨୨୩ ଥିବାବେଳେ, ଡାକ୍ତର ଅଛନ୍ତି ମାତ୍ର ୧୦୬ ଜଣ । ପ୍ରାୟ ଅଧାଅଧି ଡାକ୍ତର ପଦବୀ ଖାଲି ପଡିଥିବା ବେଳେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟୟ ହେବା ସ୍ୱାଭାବିକ । ସେହିଭଳି ପାରା ମେଡିକାଲ ପଦବୀ ମଧ୍ୟ ଅଧାରୁ ଅଧିକ ଖାଲି ପଡିଛି, ଯାହା ଭଦ୍ରକବାସୀଙ୍କ ପାଇଁ ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ । ଏହି ମର୍ମରେ ଭଦ୍ରକବାସୀ କାହାକୁ ପ୍ରଶ୍ନ କରିବେ ? ବିପର୍ଯ୍ୟୟ ସ୍ୱାସ୍ଥ୍ୟ ସେବା ନିମନ୍ତେ କିଏ ଉତ୍ତରଦାୟୀ ରହିବେ - ସରକାର, ନା ସ୍ଥାନୀୟ ବିଧାୟକ , ନା ଜିଲାପାଳ , ନା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ? ଭଦ୍ରକବାସୀ ଦୀର୍ଘ ବର୍ଷ ଧରି ଦାବୀ କରୁଥିବା ମେଡିକାଲ କଲେଜ ପ୍ରତିଷ୍ଠା ହୋଇ ପାରିଲେ, ସେଥିରେ ସ୍ୱାଭାବିକ ଭାବେ ସମସ୍ତ ବିଭାଗ ଅନ୍ତର୍ଭୁକ୍ତ ହେବା ସହ ଡାକ୍ତରଙ୍କ ସଂଖ୍ୟା ମଧ୍ୟ ଆଶାନୁରୂପ ରହି ପାରନ୍ତା ।

ହରିଚନ୍ଦନପୁରଠାରେ ଶୁଖିଲା ଖାଦ୍ୟ ବଂଟନର ଶୁଭାରମ୍ଭ କଲେ ସ୍ଥାନୀୟ ବିଡ଼ିଓ

ହରିଚନ୍ଦନପୁର,ତା ୨୯ ଜୁନ(ହି.ସ.) କୋଭିଡ -୧୯ ସଂକ୍ରମଣକୁ ରୋକ ଦେବା ପାଇଁ ଲକଡାଉନ୍ ଏବଂ ସଟଡାଉନ୍ ଲାଗି ରହିଛି ଫଳରେ ଗରିବ, ଅସହାୟ, ଖଟିଖିଆମାନଙ୍କ ଜୀବନକୁ ଅତ୍ୟନ୍ତ ପ୍ରଭାବିତ କରିଛି । ଦୈନନ୍ଦିନ ଜୀବନରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ମଧ୍ୟ ହେଉଛନ୍ତି । ଯାହାକୁ ନେଇ ଆଜି କେନ୍ଦୁଝର ଜିଲ୍ଲାର ଅଗ୍ରଣୀ ସ୍ୱଚ୍ଛାସେବୀ ଅନୁଷ୍ଠାନ ଏକଜୁଟ ପକ୍ଷରୁ ସାହାଯ୍ୟ ଓ ହରିଚନ୍ଦନପୁର ବ୍ଲକ ପ୍ରଶାସନର ସହଯୋଗ କ୍ରମେ ଲୋକଙ୍କ ସହାୟତା ପାଇଁ ଶୁଖୁଲା ଖାଦ୍ୟର ଭ୍ୟାନକୁ ପତାକା ଦେଖାଇ ହରିଚନ୍ଦନପୁର ବି.ଡି.ଓ ମଧୁସ୍ମିତା ସିଂ ବ୍ଲକ କାର୍ଯ୍ୟଳୟରେ ଉଦଘାଟନ କରିଥିଲେ । ସୂଚନା ଅନୁଯାୟୀ ମହାମାରୀ କରୋନାରେ ପ୍ରଭାବିତ ପରିବାରଙ୍କୁ ସାହାଯ୍ୟ କରିବାକୁ ଜିଲ୍ଲାର ଅଗ୍ରଣୀ ସ୍ୱଚ୍ଛାସେବି ଅନୁଷ୍ଠାନ ଏକଜୁଟ ସଂସ୍ଥାର ୩ଜଣ ସଦସ୍ୟ ୫ଦିନ ଧରି ପ୍ରତ୍ୟେକ ଗାଁକୁ ଯାଇ ଆଶା , ଅଙ୍ଗନବାଡି, ପଂଚାୟତ ନିର୍ବାଚିତ ପ୍ରତିନିଧି , ଯୁବ କ୍ଲବ ସଦସ୍ୟ ଏବଂ ପୁରୁଖା ଲୋକମାନଙ୍କ ସହାୟତାରେ ଚୟନ କରାଯାଇଥିଲା । ଏହି ବଂଟନ ପ୍ରକ୍ରିୟାରେ ମୁଖ୍ୟତଃ ଆଦିମ ଆଦିବାସୀ କୁଆଙ୍ଗ ମାନଙ୍କୁ ପ୍ରାଥମିକତା ଦିଆଯିବା ସହିତ , ଅନ୍ୟ ଆଦିବାସୀ ସମ୍ପ୍ରଦାୟମାନଙ୍କ ଅସହାୟତାକୁ ନଜରରେ ରଖାଯାଇଥିଲା । କେନ୍ଦୁଝର ଜିଲ୍ଲାର ହରିଚନ୍ଦନପୁର ବ୍ଲକର ଆଦିବାସୀ ବହୁଳତାକୁ ନଜରରେ ରଖି ସୁନାପେଣ୍ଡ, ବରେଇଗୁଡା, ପିଟାପିଟି, ରସୋଳ, ଟାଙ୍ଗିରିଆପାଳ ଏବଂ ଦୈତାରୀ ଗ୍ରାମ ପଂଚାୟତର, କୁସୁମଯୋଡି, ନର୍ଦ୍ଦାଙ୍ଗିପେଣ୍ଡ, କାଞ୍ଜିଆପାଳ, ରେବଣା- ଖ, କୁଆଝରଣ, ତାଳପଦା, ଦୈତାରୀ, ବଳିପର୍ବତ, ପଙ୍ଗାନାଳ, ପାଙ୍ଗାରୁଗୁଡି, ପଂଚମ ରିଜର୍ଭ , ପଂଚମ ମିନି, ବ୍ରାହ୍ମଣୀପାଳ, ତେନ୍ତୁଳିପାଳ, ତୁରୁଙ୍ଗୀ ଗାଁକୁ ମିଶାଇ ୧୫ଗୋଟି ଗାଁର ୪୦୧ ଅସହାୟ ପରିବାରଙ୍କୁ ଶୁଖିଲା ଖାଦ୍ୟ ବଂଟନ କରାଯିବାର ଯୋଜନା ରହିଛି । ଆଜି ପ୍ରଥମ ପର୍ଯ୍ୟାୟରେ ରେବେଣା ଖ, କୁସୁମୁଯୋଡ଼ି, ନର୍ଦ୍ଧାଙ୍ଗିପେଣ୍ଡ, କଞ୍ଜିଆପାଳ ଆଦି ଗ୍ରାମର ବିକଳାଙ୍କ, ବିଧବା, ଅସହାୟ, ରୋଗାକ୍ରାନ୍ତ, ଅନାଥ, ଗର୍ଭବତୀ ମହିଳା, ନବଜାତ ଏବଂ ବାସହୀନ ପରିବାରଙ୍କୁ ଚାଉଳ, ଡାଲି, ତେଲ, ଆଳୁ, ସୋୟାବଡି, ବୁଡ଼ା, ପିଆଜ, ଲୁଣ, ଗୁଡ଼,

ଶିଶୁଙ୍କ ସ୍ୱାସ୍ଥ୍ୟର ଯତ୍ନ

ନବଜାତ ଶିଶୁଙ୍କୁ ସ୍ତନ୍ୟପାନ କରାଇବା ଜରୁରୀ ନୁହେଁ, ବରଂ ପ୍ରମୁଖ ଆବଶ୍ୟକତା ବୋଲି ବିଶେଷଜ୍ଞଙ୍କ ମତ । ଜନ୍ମଠାରୁ ଅତିକମ୍‌ରେ ୫-୬ ମାସ ପର୍ଯ୍ୟନ୍ତ ପିଲା ମା ଖିର ଖାଇବା ତା ଦେହ ପାଇଁ ଭଲ । ଏହା ପରେ ପିଲାକୁ ଡାକ୍ତରଙ୍କ ପରାମର୍ଶରେ ଅନ୍ୟ ଖାଦ୍ୟ ଧୀରେ ଧୀରେ ଦେବା ଉଚିତ ।

ପିଲା କ'ଣ ଖାଇଲେ ଦାନ୍ତ ଶକ୍ତ ହେବ, ଅବା ସେ କେଉଁ ସମୟରେ ଚୋବାଇ ଖାଇପାରିବ, ଏ ବାବଦରେ ଜାଣିବା ଆବଶ୍ୟକ ।

କୁନି ଶିଶୁ କେଉଁ ପ୍ରକାର ଖାଦ୍ୟ ଖାଇଲେ ତାହା ହଜମ କରିପାରିବ, ତାହା ଭଲଭାବେ ତର୍ଜମା କରନ୍ତୁ । ତରବରରେ କୌଣସି ପ୍ୟାକେଟ୍ ଖାଦ୍ୟ ଅବା ଅନ୍ୟ ଖାଦ୍ୟର ଆରମ୍ଭ କରିବା ଶିଶୁର ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇପାରେ ।

ପିଲାଙ୍କୁ ସବୁବେଳେ କୋଳରେ ରଖିବା ଭଲ ଅଭ୍ୟାସ ନୁହେଁ। ଏପରି କରିବା ଦ୍ୱାରା ସେମାନଙ୍କ ଶାରୀରିକ ବିକାଶ ଭଲଭାବେ ହୋଇପାରେ ନାହିଁ । ବୋଲି ବିଭିନ୍ନ ପରୀକ୍ଷାରୁ ପ୍ରମାଣିତ ହୋଇଛି।

ଛୋଟ ପିଲା ହେଲେ ମଧ୍ୟ ନିୟମିତ ଭାବେ ସେମାନଙ୍କୁ ସକାଳ ବେଳା ସୂର୍ଯ୍ୟକିରଣରେ ବୁଲାଇବା ଉଚିତ ।

ଘରର ଆଭ୍ୟନ୍ତରୀଣ ସାଜସଜ୍ଜା

ଗୃହିଣୀ ହୁଅନ୍ତୁ ଅବା କର୍ମଜୀବୀ ମହିଳା, ଘର ସାଜସଜ୍ଜା ପ୍ରତି ସେମାନଙ୍କର ଅହେତୁକ ଦୁର୍ବଳତା ରହିଥାଏ । କେଉଁଠାରେ ଜିନିଷ କିଭଳି ରହିବ, କାନ୍ଥର ରଙ୍ଗ କ'ଣ ରଖାଯିବ, କେଉଁ ଡିଜାଇନର ଆସବାପତ୍ର ଅଣାଯିବ ଇତ୍ୟାଦିଇତ୍ୟାଦି । ଘର ସାଜସଜ୍ଜା କରୁଥିଲେ କେତୋଟି ଦିଗ ପ୍ରତି ଧ୍ୟାନ ଦିଅନ୍ତୁ ଯେପରି:

♦ଘରର ପ୍ରତ୍ୟେକ କକ୍ଷର ରଙ୍ଗକୁ ସମାନ ନ ରଖି କିଛିଟା ପରିବର୍ତ୍ତନ କରିବା ଉଚିତ । ଯେପରି ପିଲାଙ୍କ କକ୍ଷରୁ ଭିନ୍ନ ଡାଇନିଂ ହଲ, ବୈଠକ ଖାନା ସବୁର ରଙ୍ଗର ଅଲଗା ରହିବା ଭଲ । ଏହା ଘରେ ସକାରାତ୍ମକ ଶକ୍ତି ଉତ୍ପନ୍ନ କରିବା ସହ ଘରର ଅଭ୍ୟନ୍ତରକୁ ମଧ୍ୟ ଭିନ୍ନ ରୂପ ଦେଇଥାଏ ।

♦କୌଣସି ଏକ କକ୍ଷରେ ୱାଲପେପର ଲଗାନ୍ତୁ । ଆଜିକାଲି ବଜାରରେ ବିଭିନ୍ନ ଡିଜାଇନର ଓ ଆକୃତିର ୱାଲପେପର ଉପଲବ୍ଧ । ଏଣୁ ନିଜ ପସନ୍ଦ ମୁତାବକ କିଣି ଏହା ଲଗାନ୍ତୁ ।

♦ପ୍ରତ୍ୟେକ କକ୍ଷରେ ହାଲକା ରଙ୍ଗର ପରଦା ଲଗାଇବା ସହ ନିୟମିତ ଭାବେ ତାହାକୁ ସଫା କରିବା ଉଚିତ । ଆଜିକାଲି କେବଳ ସୂତା କପଡ଼ାର ପରଦା ନୁହେଁ, ବରଂ ଟିସୁ ସିଲ୍କ, କ୍ରଶ୍, ବ୍ରାସୋ ଟାଇଗରର ପରଦା ବଜାରରେ ମିଳୁଛି ।

♦ବୈଠକଖାନାରେ କାଠର ପୁରୁଣା ଡିଜାଇନର ସୋଫା କିଣି ରଖନ୍ତୁ । ଏହା ଘରର ଆଭ୍ୟନ୍ତରକୁ ଏକ ସୁନ୍ଦର ରୂପ ଦେଇଥାଏ । ଏଥିରେ ଛୋଟ ଛୋଟ ସୁନ୍ଦର ତକିଆ ରଖି ସଜାଇ ପାରିବେ । ଅନ ଲାଇନରେ ମଧ୍ୟ ବିଭିନ୍ନ ପ୍ରକାରର ଛୋଟ ତକିଆ ମିଳୁଛି ।

♦ଘରର ବିଭିନ୍ନ କୋଣରେ ଛୋଟ ଛୋଟ 'ଡେକୋରେଟିଭ ଆଇଟମ' ରଖିପାରିବେ । ଏସବୁକୁ ନିୟମିତ ବ୍ୟବଧାନରେ ପରିଷ୍କାର କରିବା ଉଚିତ । ମଳି ଜମିଲେ ତାହା ଅପରିଷ୍କାର ଦେଖାଯାଇଥାଏ ।

ମନୁଷ୍ୟ ନାକର କ୍ଷମତା

ମନୁଷ୍ୟର ଜୀବନଶୈଳୀକୁ ନେଇ ଗବେଷକଗଣ ବର୍ଷ ବର୍ଷ ଧରି ପରୀକ୍ଷା କରିଆସୁଛନ୍ତି । ଏ ସଂକ୍ରାନ୍ତାରେ ନିକଟରେ ନ୍ୟୁୟର୍କ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଗଣ ପରୀକ୍ଷା କରି ବିଭିନ୍ନ ରୋଚକ ତଥ୍ୟ ପ୍ରକାଶ କରିଛନ୍ତି । କିଛି ସେକେଣ୍ଡରେ ଜଣେ ସାଧାରଣ ବ୍ୟକ୍ତି ଲକ୍ଷାଧିକ ପ୍ରକାରର ରଙ୍ଗକୁ

ଚିହ୍ନଟ କରିପାରୁଥିବା ବେଳେ ବିଭିନ୍ନ ପ୍ରକାର ଶବ୍ଦକୁ ମଧ୍ୟ ଶୁଣିପାରେ । ଆଉ ରହିଲା ବାସ୍ନା ପ୍ରସଙ୍ଗ । ୯୧%ରୁ ଅଧିକ ଲୋକ ୫୦ହଜାର ପ୍ରକାରର ବାସ୍ନାକୁ ଯେ କୌଣସି ପରିସ୍ଥିତିରେ ଭୁଲିପାରନ୍ତି ନାହିଁ । ଉଦାହରଣ ସ୍ୱରୂପ ଅନ୍ୟ କାହା ଘରକୁ ଗଲେ ସେଠାକାର ଭିନ୍ନ ପରିବେଶ ଓ ବାସ୍ନାକୁ ଆମେ ତୁରନ୍ତ ଘ୍ରାଣ କରିପାରୁ । ଏପରିକି ଅନେକ ବର୍ଷ ପରେ ସେହି ବାସ୍ନା ସହ ଜଡ଼ିତ ହେଲେ, ତାହାର ସ୍ମୃତିକୁ ମନେପକାଇ ପାରେ ମନୁଷ୍ୟ । ବାସ୍ନା ଯଦିଓ କ୍ଷଣସ୍ଥାୟୀ ହେଲେ ମନୁଷ୍ୟର ଚିନ୍ତାଧାରାରେ ଏହାର ସମୟ ସୀମା ସର୍ବାଧିକ ।

ଭ୍ୟାନିଟି ବ୍ୟାଗରେ ରଖିବାକୁ ଭୁଲନ୍ତୁ ନାହିଁ

+ ହାଇଜିନରୁ ଆରମ୍ଭ କରି ସ୍ୱାସ୍ଥ୍ୟ ଓ ଖାଇବା ପର୍ଯ୍ୟନ୍ତ ସବୁକିଛି ସନ୍ତୁଳିତ ହେବା ଆବଶ୍ୟକ ନହେଲେ ସ୍ୱାସ୍ଥ୍ୟ ସମସ୍ୟାକୁ ସାମ୍ନା କରିବାକୁ ପଡ଼ିପାରେ । ସାଧାରଣତଃ ସମସ୍ତେ ନିଜର ଆବଶ୍ୟକ ଜିନିଷ ପ୍ରତି ଧ୍ୟାନ ରଖିଥାଆନ୍ତି । ତେଣୁ କେତୋଟି ଜିନିଷ ଆପଣ ବାହାରକୁ ବାହାରିବା ସମୟରେ ବ୍ୟାଗରେ ରଖିବାକୁ ଭୁଲନ୍ତୁ ନାହିଁ ।

+ **ପାଣିବୋତଲ:** ସବୁ ଆବଶ୍ୟକ ଜିନିଷଠାରୁ ବେଶୀ ଜରୁରୀ ପାଣି । ଆପଣ ପାଣି ବୋତଲକୁ ବିଲକୁଲ ଭୁଲନ୍ତୁ ନାହିଁ । ଗୋଟେ ଛୋଟ ପାଣି ବୋତଲ ବ୍ୟାଗରେ ନିଶ୍ଚିତ ଭାବରେ ରଖନ୍ତୁ ।

ୱାଇପସ୍: ଗରମରେ ଝାଳ ବହୁତ ବାହାରେ ଯାହା ଦ୍ୱାରା ସ୍କିନରେ ମଇଳା ଜମିବାର ବିପଦ ରହିଛି । ସେଥିପାଇଁ ଓଦା ୱାଇପସ ଆପରଙ୍କ ସହିତ ରଖନ୍ତୁ । ଯେତେବେଳେ ମୁହଁରୁ ଝାଳ ବାହାରିବ ତେବେ ୱାଇପସର ସାହାଯ୍ୟରେ ପୋଛନ୍ତୁ । ଏଥିରେ ଚେହେରା ସତେଜ ରହିବ ।

ଗୋଲାପ ଜଳ: ଗରମ ଦିନରେ ଯାଦୁ ପରି ପ୍ରଭାବ ପକାଏ ଗୋଲାଜଳ । ଗରମ ଦିନରେ ଶରୀର ସହିତ ସ୍କିନକୁ ମଧ୍ୟ ହାଇଡ୍ରେସନର ଆବଶ୍ୟକ ହୁଏ । ଏମିତିରେ ଗୋଲାପ ଜଳକୁ ସ୍କିନରେ ଛିଞ୍ଚି ସ୍କିନକୁ ହାଇଡ୍ରୋଟେଡ୍ ରଖିପାରିବେ ।

ସନ୍‌ଗ୍ଲାସ୍: ସ୍କିନ୍ ପାଇଁ ଯେତେ ଜରୁରୀ ସନସ୍କ୍ରିନ୍ ଲୋସନ ଆଖି ପାଇଁ ମଧ୍ୟ ସନ୍‌ଗ୍ଲାସ୍‌ର ସେତିକି ଆବଶ୍ୟକ । ଭଲ କ୍ୱାଲିଟିର ସନଗ୍ଲାସ କିଣନ୍ତୁ ଓ ଖରାରେ ବାହାରିଲେ ଏହାକୁ ବ୍ୟବହାର କରନ୍ତୁ ।

ପରଫ୍ୟୁମ୍: ଝାଳଗନ୍ଧରୁ ରକ୍ଷା ପାଇବା ପାଇଁ ଡିୟୋଡ୍ରେଣ୍ଟ ଆପଣଙ୍କ ସହିତ ରଖନ୍ତୁ । ଆପଣ ଯଦି ଚାହିଁବେ ପକେଟ୍ ସାଇଜ ରୋଅନର ବି ବ୍ୟବହାର କରିପାରିବେ ।

ମହିଳାଙ୍କ ପାଇଁ ଶକ୍ତିଦାୟୀ ଫଳ

ଡିମିରି ଫଳ: ଡିମିରି ଫଳ ପେଟ ପାଇଁ ଖୁବ୍ ଉପାଦାୟୀ ହୋଇଥାଏ । ପେଟ ସମ୍ବନ୍ଧିତ ସମସ୍ତ ସମସ୍ୟା କମିଯାଏ । ଏହା ସହ ଶରୀରକୁ ତୁରନ୍ତ ଶକ୍ତି ମଧ୍ୟ ମିଳିଥାଏ । ତେଣୁ ସକାଳୁ ପ୍ରତିଦିନ ଏହାକୁ ଖାଇବା ଆବଶ୍ୟକ । ଡିମିରି ଫଳ ଖାଇବା ପାଇଁ ରାତିରେ ୧କପ୍ ପାଣିରେ ୨ଟି ଟିମିରି ଫଳ ଭିଜାଇ ରଖି ସକାଳୁ ପାଣିକୁ ପିଇବା ସହ ତାକୁ ଖାଇବା ଆବଶ୍ୟକ । ଚାହିଁଲେ ଚା' କିମ୍ବା ଦୁଗ୍ଧରେ ମିଶାଇ ସେବନ କରିପାରିବେ ।

କିସମିସ୍: ଯେଉଁ ମହିଳାଙ୍କ ଶରୀରରେ କମ୍ ପରିମାଣରେ ଆଇରନ୍ ରହିଥାଏ ଏହା ମହୋଷଧୀ ରୂପେ କାର୍ଯ୍ୟ କରିଥାଏ ।ଏଥିପାଇଁ ରାତିରେ ଅଳ୍ପ ପାଣିରେ ୧୦ଟି କିସମିସ୍ ଭିଜାଇ ରଖି ସକାଳୁ ଏହାକୁ ଖାଇବା ଆବଶ୍ୟକ । ଏଥିରେ ଅଳ୍ପ ମେଥିଦାନା ଭିଜାଇ ଖାଇଲେ ମଧ୍ୟ ସୁଫଳ ମିଳିଥାଏ । ଗୋଟେ ଗ୍ଲାସ ପାଣିରେ ୧୦ଟି କିସମିସକୁ ଗରମ କରି ପାଣିକୁ ଅଧା କରିଦେବା ଆବଶ୍ୟକ । ଏହାକୁ ଏକ କାଚପାତ୍ରରେ କାଢ଼ି ଗୁଡ଼ ମିଶାଇ ସେବନ କଲେ ମଧ୍ୟ ଚଳିବ । କିନ୍ତୁ ଏହାକୁ ଥରେ ନୁହେଁ ଦିନରେ ୨-୩ ଥର ଏପରି କରିବା ଆବଶ୍ୟକ ହୋଇଥାଏ ।

ଶୁଖିଲାପ୍ଲମ ଫଳ: ୨ଟି ଶୁଖିଲା ପ୍ଲମ୍ ଫଳ ସକାଳୁ ଖାଇବା ଦ୍ୱାରା ପେଟ ଜନିତ ନାନାଦି ସମସ୍ୟା ଦୂର ହୋଇଥାଏ । ଏଥିରେ ପ୍ରଚୁର ପରିମାଣର ଫାଇବର ରହିଥାଏ ଯାହା ଶରୀରକୁ ସୁସ୍ଥ ରଖିଥାଏ । ଏଥିରେ ପ୍ରଚୁର ପରିମାଣର ହିତକାରୀ ବ୍ୟାକ୍ଟେରିଆ ରହିଥାଏ ଯାହା ଶରୀରକୁ ସୁସ୍ଥ ରଖିଥାଏ । ଏଥିରେ ପ୍ରଚୁର ପରିମାଣର ହିତକାରୀ ବ୍ୟାକ୍ଟେରିଆ ରହିଥାଏ ଯାହା ଶରୀରକୁ ଶକ୍ତି ପ୍ରଦାନ କରିଥାଏ । ଏହାକୁ ଖାଇବା ଦ୍ୱାରା ପେଟର ଭାରିପଣ ହ୍ରାସପାଏ ଓ ଦିନ ସାରା ଆରାମପ୍ରଦ ରହିଥାଏ । ଫଳରେ ଶରୀରରେ ପ୍ରଚୁର ପରିମାଣରେ ଶକ୍ତି କ୍ଷରଣ ହୋଇଥାଏ ।



ପୂର୍ବେ ମହିଳାମାନଙ୍କୁ ଘରୁ କେଉଁଆଡ଼େ ଯିବାକୁ ଅନୁମତି ମିଳୁନଥିଲା । କିନ୍ତୁ ବର୍ତ୍ତମାନ ମହିଳାମାନଙ୍କ ଦାୟିତ୍ୱ ବଢ଼ିଯାଇଛି । ଘର ହେଉ ଅବା ବାହାର ସମସ୍ତ ସ୍ଥାନରେ ମହିଳାଙ୍କ ବେଶୀ କାର୍ଯ୍ୟ କରିବାକୁ ପଡୁଛି । ଘର ସହିତ ବାହାର କାର୍ଯ୍ୟର ଦାୟିତ୍ୱ ସୁରୁଖୁରୁ ଭାବେ ତୁଲାଇବା ସହ ପୁନଶ୍ଚ ଆଉ ଏକ ପ୍ରଭାତ ପାଇଁ ପ୍ରସ୍ତୁତ ହେବାପାଇଁ ମହିଳାଙ୍କୁ ପ୍ରଚୁର ଶକ୍ତି ପ୍ରଦାୟୀ ଖାଦ୍ୟ ଖାଇବା ଆବଶ୍ୟକ । ତେବେ ଜାଣନ୍ତୁ ଖାଦ୍ୟ ପଦାର୍ଥରେ କେଉଁକେଉଁ ଡାଏଫ୍ରୁଟ ସାମିଲ କରିବା ଆବଶ୍ୟକ ।

କେଉଁ ଦିଗକୁ ମୁହଁ କରି କାର୍ଯ୍ୟ କଲେ ଶୁଭ

➡ ଅଫିସ କିମ୍ବା ଦୋକାନରେ ମୁହଁ ଉତ୍ତର ଦିଗକୁ କରି ବସିବା ଦ୍ୱାରା ସୁଫଳ ମିଳିଥାଏ ।

➡ ଘରର ଦକ୍ଷିଣ କିମ୍ବା ଉତ୍ତରା ଦକ୍ଷିଣ ଦିଗରେ ଟିଭି ରଖନ୍ତୁ ।

➡ ପୂର୍ବ ଓ ଉତ୍ତର ଦିଗକୁ ମୁହଁକରି ଭୋଜନ କରନ୍ତୁ । ଏହାଦ୍ୱାରା ଖାଦ୍ୟରୁ ମିଳୁଥିବା ଉପଯୁକ୍ତ ଶକ୍ତି ଶରୀରକୁ ମିଳେ ।

➡ ବିଦ୍ୟାର୍ଥୀ ପଢ଼ିବା ସମୟରେ ପୂର୍ବ ଦିଗକୁ ମୁହଁ କରି ପଢ଼ନ୍ତୁ ।

➡ ଯଦି କିଛି ନୂଆ କାମ ଆରମ୍ଭ କରୁଥାଆନ୍ତି ଉତ୍ତର ଦିଗ ଆଡ଼କୁ ମୁହଁ କରି ରୋଷେଇ କଲେ ପରିବାରର ମଙ୍ଗଳ ହୁଏ ।

ଅନ୍ୟର ଦୁଃଖରେ ସମଭାଗୀ ହୁଅନ୍ତୁ

ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ବିଷୟରେ ପ୍ରାୟ ସମସ୍ତେ ଜାଣନ୍ତି ସେ ଜଣେ କରୁଣାମୟ, ସହିଷ୍ଣୁ ଏବଂ ପରୋପକାରୀ ବ୍ୟକ୍ତିତ୍ୱ ଥିଲେ। ଅନ୍ୟର ସୁଖଦୁଃଖରେ ସାମତଳ ହେବା କିମ୍ବା ଅନ୍ୟକୁ ସାହାଯ୍ୟ କରିବା ତାଙ୍କର ନିୟମିତ ମୁଖ୍ୟ କାମ। ଏକଦା ସେ ଜାଣିପାରିଲେ ଜୟରାମ ନାମକ ଦୟାଳୁ, ଦାନବୀର ଏବଂ ପରୋପକାରୀ ସଜ୍ଜନଙ୍କର ମୃତ୍ୟୁ ହୋଇଥିବା ପରେ ତାଙ୍କ ପତ୍ନୀଙ୍କ ପାଖରେ ଅନ୍ତିମ ଯାତ୍ରା ପାଇଁ ଅର୍ଥ ନଥିଲା। ବିଦ୍ୟାସାଗରୀ ଜୟରାମଙ୍କୁ ଜାଣିନଥିଲେ। ମାତ୍ର ତାଙ୍କ ମୃତ୍ୟୁ ପରେ ଅନ୍ତିମ କ୍ରିୟା ପାଇଁ ଆର୍ଥଭାବ ଥିବା ଜାରଣିବା ପରେ ବିଦ୍ୟାସାଗର ତାଙ୍କ ଘରର ଠିକଣା ଖୋଜି ସେଠାରେ ପହଂଚିଥିଲେ। ସେଠାରେ ଜୟରାମଙ୍କ ବିଧବା ପତ୍ନୀଙ୍କୁ ବୁଝାଇବା ସହ ଶ୍ରଦ୍ଧାସୁମନ ଅର୍ପଣ କମରିବା ପାଇଁ କଡ଼ରେ ବସିଥିଲେ। ଜୟରାମଙ୍କ ଘରକୁ ଆସିଥିବା ଲୋକଳଙ୍କ ଭିଡ଼ କମିଲା ପରେ ସେ ସେ ପୁଣି ତାଙ୍କ ବିଧବା ପତ୍ନୀଙ୍କ ପାଖକୁ ଗଲେ। ତାଙ୍କୁ କହିଲେ ମୁଁ ଆଉ ଜୟରାମ ଖୁବ ଭଲ ବନ୍ଧୁଥିଲେ। ଦୁଇଜଣଯାକ ପରସ୍ପରର ସୁଖଦୁଃଖରେ ଠିଆ ହୋଇଥିଲୁ। ଏକଦା ମୁଁ ଅସୁବିଧାରେ ଥିବାବେଳେ ଜୟରାମଙ୍କ ଠାରୁ କିଛି ଅର୍ଥରାଶି ସାହାଯ୍ୟ ନେଇଥିଲି। ଆଜି ମୁଁ ସେହି ଅର୍ଥ ନେଇ ତାଙ୍କ ପାଖକୁ ଆସିବାବେଳେ ଏହି ଦୁଃଖଦ ସମାଚାର ମୋତେ ମିଳିଲା। ଏବେ ତ ସେ ଚାଲିଯାଇଛନ୍ତି, ଏହି ଅର୍ଥ ଆପଣ ହିଁ ରଖିଦଅନ୍ତୁ। ବାକି ଅର୍ଥ ମୁଁ ଧୀରେ ଧୀରେ ସୁଝିବେ। ଜୟରାମଙ୍କ ପତ୍ନୀ କାନ୍ଦି କାନ୍ଦି ଅର୍ଥ ମଁ ଧୀରେ ଧୀରେ ଶୁଝିଦେବି। ଜୟରାମଙ୍କ ପତ୍ନୀ କାନ୍ଦି କାନ୍ଦି ସେ ଅର୍ଥକୁ ଧରିଲେ। ଭବିଷ୍ୟତରେ ବିଦ୍ୟାସାଗର ସେହି ମହିଳାଙ୍କୁ ପ୍ରତି ମାସରେ ଏକ ନିର୍ଦ୍ଦିଷ୍ଟ ଅର୍ଥ ବିଧବା ପଠାଉଥିଲେ। ଅନେକ ବର୍ଷ ପରେ ଜୟରାମଙ୍କ ବିଧବା ପତ୍ନୀଙ୍କୁ ଏହି କାହାଣୀର ବାସ୍ତବତା ଜଣାପଡ଼ିଲା। ସେ ଏଭଳି ମିଛକୁ ନେଇ ଆଶ୍ଚର୍ଯ୍ୟ ହୋଇ ପଡ଼ିଲେ। ଆଉ ନିଜ ପୁଅ ସହ ମକି ବିଦ୍ରାଗରାଙ୍କ ଘରକୁ ଗଲେ, ସେଠାରେ ତାଙ୍କ ପାଦତଳେ ପଡ଼ି କାନ୍ଦିବାରେ ଲାଗିଲେ। ଆଉ କହିଲେ ଆପଣ ଆମର ଖରାପ ସମୟରେ ସାହାରା ହେଲେ। ଆମେ ଏହି ଋଣ କେମିତି ଶୁଝିବୁ ? ଏହା ଶୁଣି ବିଦ୍ୟାସାଗର କହିଲେ, ଭଉଣୀ ତୁମ ଆଖିର ଏହି ଲୁହ ସମସ୍ତ ଋଣୀ ଶୁଝି ସଦାରଖିଛନ୍ତି। ତେଣୁ ହୃଦୟରେ କୌଣସି ବୋଝ ନରଖି ଘରକୁ ଫେରିଯାଅ।

ସାମାନ୍ୟ ସମସ୍ୟା ହୋଇପାରେ ଗମ୍ଭୀର ରୋଗର ଲକ୍ଷଣ

ପୁରୁଷମାନଙ୍କ ତୁଳନାରେ ମହିଳାମାନଙ୍କର ସ୍ୱାସ୍ଥ୍ୟ ସମସ୍ୟା ଅଧିକ ଦେଖିବାକୁ ମିଳିଥାଏ । ଯାହାଦ୍ୱାରା ସେମାନେ ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହନ୍ତି ନାହିଁ । ମହିଳାମାନଙ୍କ ଶରୀରରେ ଅନେକ ପରିବର୍ତ୍ତନ ଆସେ ସେଥିପାଇଁ ସେମାନଙ୍କର ସ୍ୱାସ୍ଥ୍ୟ ସମସ୍ୟାକୁ ଚିହ୍ନଟ କରିବା କଷ୍ଟକର ହୁଏ । ଅଧିକାଂଶ ମହିଳା ଗମ୍ଭୀର ଲକ୍ଷଣ ଅନୁଭବ କଲେ ଚିକିତ୍ସକଙ୍କ ପାଖକୁ ଯାଆନ୍ତି । କିନ୍ତୁ ଏହା ଠିକ୍ ଅଭ୍ୟାସ ନୁହେଁ । ଯଦି ଆପଣଙ୍କ ଶରୀରରେ କୌଣସି ପରିବର୍ତ୍ତନ ଦେଖୁଛନ୍ତି ତେବେ ଆପଣ ସଚେତନ ହେବା ଆବଶ୍ୟକ ।

ପେଟ ଫୁଲିବା:

ଅନେକ ମହିଳାମାନଙ୍କର ପିରିୟଡସ ସମୟରେ ପେଟ ଫୁଲିବା ସମସ୍ୟା ସାଧାରଣ କଥା । ଯଦି ଏହି ସମସ୍ୟା ଏକ କିମ୍ବା ଦୁଇ ସପ୍ତାହ ବା ତାଠାରୁ ଅଧିକ ସମୟ ପର୍ଯ୍ୟନ୍ତ ରହେ, ତେବେ ଏହା ବିପଦର ସଙ୍କେତ ବୋଲି ଭାବନ୍ତୁ । ଏହାର ଅର୍ଥ ଆପଣଙ୍କର ସ୍ୱାସ୍ଥ୍ୟର ସନ୍ତୁଳନ ଠିକ୍ ନାହିଁ । ଏହା ଏଣ୍ଡୋମେଟ୍ରିୟୋସିସ୍ ହୋଇପାରେ, ଏହା ଦ୍ୱାରା ପେଟ ଫୁଲିଯାଏ । ଏହାର ପ୍ରଭାବ ପ୍ରଜନନ କ୍ଷମତା ଉପରେ ମଧ୍ୟ ପଡ଼ିପାରେ ଓ ଗର୍ଭଧାରଣ କରିବାରେ ମଧ୍ୟ ସମସ୍ୟା ଦେଖାଦେଇପାରେ । ଯଦି ଏହା କ୍ରମାଗତ ଭାବରେ ରହେ ତେବେ ଟ୍ୟୁମର, ହାର୍ନିଆ, ଲିଭର ଇନ ଫେକସନ, ଓଭାରିଆଲ କ୍ୟାନସର ମଧ୍ୟ ହୋଇପାରେ ।

ଥଣ୍ଡା, ଗରମ ଅଧିକ ଲାଗିବା:

ଯଦି ଆପଣ ନିଜ ରୁମର ତାପମାତ୍ରାକୁ ସହଜ ଅନୁଭବ କରୁନାହାଁନ୍ତି, ତେବେ ଏହାର ଅର୍ଥ ଆପଣଙ୍କ ହର୍ମୋନ ଅସନ୍ତୁଳନ ଅବସ୍ଥାରେ ରହିଛି । ଏହାର ଏକ ମୁଖ୍ୟ କାରଣ ଏଷ୍ଟ୍ରୋଜନର ସ୍ତର ହୋଇପାରେ । ଏଷ୍ଟ୍ରୋଜନ ହର୍ମୋନ ମହିଳା ଓ ପୁରୁଷ ଦୁଇଜଣଙ୍କ ମଧ୍ୟରେ ଦେଖାଯାଏ । କିନ୍ତୁ ଏହା ମିହିଳାମାନଙ୍କ ମଧ୍ୟରେ ଅଧିକ ଥିବାର ଦେଖାଯାଏ । କିନ୍ତୁ ଏହା ମହିଳାମାନଙ୍କ ମଧ୍ୟରେ ଅଧିକ ଥିବାର ଦେଖାଯାଇଥାଏ । ଏହା ମିହିଳାମାନଙ୍କ ଶଶରିରୀକ ପରିବର୍ତ୍ତନ ପାଇଁ ମହତ୍ତ୍ୱପୂର୍ଣ୍ଣ ଅଟେ । ଏହି କାରଣ ପାଇଁ ଏହାକୁ ଫିମେଲ ଡେଭଲପମେଣ୍ଟ ହର୍ମୋନ ମଧ୍ୟ କୁହାଯାଏ । ଏଷ୍ଟ୍ରୋଜନ ହମୋନ ଆପଣଙ୍କ ଶରୀରର ତାପମାତ୍ରାକୁ ପ୍ରଭାବିତ କରେ ଏହାର ମାତ୍ରା ଯଦି କମ ହୁଏ ବା ଏହାର ସ୍ତରରେ ପରିବର୍ତ୍ତନ ହୁଏ ତେବେ ଆପଣ ଆପଣଙ୍କ ହାତ ଓ ଗୋଡ଼ ଥଣ୍ଡା ରହୁଥିବାର ଅନୁଭବ କରୁଥିବେ ।

କେଶ ଝଡ଼ିବା:

କେଶ ଝଡ଼ିବା ଟେଷ୍ଟୋଷ୍ଟେରାନ ହମୋନର ଲକ୍ଷଣ ମଧ୍ୟରୁ ଅନ୍ୟତମ । ଏହି ହର୍ମୋନ ସୁସ୍ଥ କେଶର ଉତ୍ପାଦନରେ ସାହାଯ୍ୟ କରେ । ଏହାର ଅସନ୍ତୁଳନ ଯୋଗୁଁ ଆପଣଙ୍କ କେଶ ଝଡ଼ିଯାଏ ଓ ପତଳା ହୋଇଯାଏ । ଏହି ହର୍ମୋନ ପୁରୁଷ ଓ ମହିଳା ଉଭୟଙ୍କ ମଧ୍ୟରେ ଥାଏ । ଟେଷ୍ଟୋଷ୍ଟେରାନ ମହିଳାମାନଙ୍କର ଓଭାରିରେ ବହୁତ କମ ମାତ୍ରାରେ ଥାଏ । ଏହା ଶରୀରରେ ଅଧିକ ମାତ୍ରାରେ ରହିବା ଦ୍ୱାରା ମହିଳାମାନଙ୍କର କେଶହାନି ହୁଏ ଓ କେଶ ପତଳା ହୋଇଯାଏ ଏହା ଦ୍ୱାରା ଓଜନ ବଢ଼ିଯାଏ, ଚେହେରା ଓ ଅନ୍ୟ ଅଙ୍ଗରେ କେଶ ମଧ୍ୟ ଦେଖାଯାଏ ।

ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୦୧ ଜୁଲାଇ ୨୦୨୧, ଗୁରୁବାର

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ଠିକଣା ସମୟ...

ବୈଶ୍ୱିକ ମହାମାରୀ କରୋନାର ଦ୍ୱିତୀୟ ଲହର ଦେଶକୁ ସବୁ ଦିଗରୁ ଆକ୍ରାନ୍ତ କରି ରଖିଛି । ଏହାର ପ୍ରଭାବରେ ଆକ୍ରାନ୍ତ ଦେଶବାସୀ ଓ ଅର୍ଥନୀତିକୁ ଅଣ୍ଟାସଳଖି ଠିଆହେବା ସକାଶେ ଢେର୍ ଦିନ ସମୟ ଲାଗିପାରେ । ଏଥିରୁ ଅର୍ଥନୀତିକୁ ଉଦ୍ଧାର କରିବା ସକାଶେ କେନ୍ଦ୍ର ଅର୍ଥନୀତି ନିର୍ମଳା ସୀତାରମଣ ସୋମବାର ଦିନ ୬.୨୮ ଲକ୍ଷ କୋଟି ଟଙ୍କାର ଯେଉଁ ବିଶାଳ ଆର୍ଥିକ ପ୍ରୋତ୍ସାହନ ପ୍ୟାକେଜ୍ ଘୋଷଣା କରିଛନ୍ତି ତାହା ନିର୍ଦ୍ଦିଷ୍ଟ ଭାବେ ସତରଟି କ୍ଷେତ୍ରକୁ କରୋନା ପ୍ରଭାବରୁ ମୁକ୍ତ କରିବା ନିମନ୍ତେ ଉଦ୍ଦିଷ୍ଟ । ସେଥି ମଧ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିଠାରୁ ଆରମ୍ଭ କରି ଶିଶୁ ସ୍ୱାସ୍ଥ୍ୟସେବା, ବିଦ୍ୟୁତ୍ ବଣ୍ଟନ, ଡିପିଏ ଏବଂ ଅନ୍ୟାନ୍ୟ ସାର ଉପରେ କୃଷକମାନଙ୍କୁ ଅଧିକ ରିହାତି ପ୍ରଦାନ, କ୍ଷୁଦ୍ର ଓ ଅଣୁ କ୍ଷୁଦ୍ର ଶିଳ୍ପାନୁଷ୍ଠାନମାନଙ୍କୁ ଅତିରିକ୍ତ ଋଣ ଯୋଗାଣ, ପର୍ଯ୍ୟଟନ ଶିଳ୍ପର ପୁନରୁତ୍ଥାନ ଏବଂ ଜରୁରି ଋଣ ସୁନିଶ୍ଚିତ ଯୋଜନା ଆଦି ସାମିଲ । କରୋନା ପ୍ରଥମ ଲହର ବେଳେ ଗତବର୍ଷ ଯେଉଁ ଆର୍ଥିକ ପ୍ରୋତ୍ସାହନ ପ୍ୟାକେଜ୍ ସରକାର ଘୋଷଣା କରିଥିଲେ ଚଳିତ ପ୍ୟାକେଜ୍ ତାହାଠାରୁ ଢେର୍ ବେଶୀ । ସେଥିରୁ କରୋନାର ଦ୍ୱିତୀୟ ଲହର ଏହିସବୁ କ୍ଷେତ୍ରକୁ କେତେ ମାତ୍ରାରେ ଆକ୍ରାନ୍ତ କରିଛି ତାହା ସହଜରେ ଅନୁମାନ କରିହେବ । ସରକାରଙ୍କ ଏହି ପ୍ୟାକେଜ୍ ଘୋଷଣାର ଗୋଟିଏ ଦିନ ପରେ ମଙ୍ଗଳବାର ଦିନ ସର୍ବୋଚ୍ଚ ନ୍ୟାୟାଳୟ ରାଜ୍ୟ ଏବଂ କେନ୍ଦ୍ରଶାସିତ କ୍ଷେତ୍ରର ସରକାରମାନଙ୍କୁ ଆସନ୍ତା ଜୁଲାଇ ୩୧ ତାରିଖ ସୁଦ୍ଧା 'ଏକ ରାଷ୍ଟ୍ର, ଏକ ପଡ଼ିକାର୍ଡ' ବ୍ୟବସ୍ଥା ଲାଗୁ କରିବା ସକାଶେ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି ତାହା ଅନୁରୂପ ଭାବେ ସ୍ୱାଗତଯୋଗ୍ୟ । ପ୍ରଥମ ଲହର ଥମିବା ପରେ ଘରବାହୁଡ଼ା ଶ୍ରମିକମାନେ ନିଜ ନିଜ କର୍ମକ୍ଷେତ୍ରକୁ ଯାଇ ପୁଣି ଥରେ କାମ ଆରମ୍ଭ କରିଥିଲେ । କିନ୍ତୁ ଦ୍ୱିତୀୟ ଲହର ସେମାନଙ୍କ ପେଟକୁ ନାତ ମାରିବା ଭଳି ହୋଇଛି ଏବଂ ସେମାନେ ଇତିମଧ୍ୟରେ ଘରମୁହାଁ ହୋଇଛନ୍ତି ବିଭିନ୍ନ ରାଜ୍ୟରୁ ଶହ ଶହ ମାଇଲ ପଥ ଅତିକ୍ରମ କରି ସ୍ୱଗୃହରେ ପହଞ୍ଚିବା ସେମାନଙ୍କ ପାଇଁଯେତିକି କଷ୍ଟସାଧ୍ୟ ଥିଲା ଏବେ ଘରେ ପହଞ୍ଚିବା ପରେ ସେମାନଙ୍କ ପାଇଁ ଅନ୍ନଚିନ୍ତା ଚମତ୍କାର ପାଲଟିଛି । ଏହା ଖୁସିର କଥା ଯେ ସରକାର ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାର ଅବଧିକୁ ମେ' ଠାରୁ ନଭେମ୍ବର ୨୦୨୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । କିନ୍ତୁ ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ କେବଳ ନଭେମ୍ବର ଠାରେ ସୀମିତ ନୁହେଁ । କରୋନା ପ୍ରଭାବରୁ ମୁକୁଳି ଏହି ପ୍ରବାସୀ ଶ୍ରମିକମାନେ ରୋଜଗାରକ୍ଷମ ନହେବା ପର୍ଯ୍ୟନ୍ତ ସେମାନଙ୍କୁ 'ଏକ ରାଷ୍ଟ୍ର, ଏକ ପଡ଼ିକାର୍ଡ' ବ୍ୟବସ୍ଥା ମଧ୍ୟରେ ଖାଦ୍ୟାନ୍ନ ଯୋଗାଣ ଏବଂ ସେମାନଙ୍କ ପାଇଁ ରୋଜଗାରର ଉପାୟ ବାହାର କରିବା ଲାଗି ନ୍ୟାୟମୂର୍ତ୍ତି ଅଶୋକ ଭୂଷଣ ଓ ନ୍ୟାୟମୂର୍ତ୍ତି ଏମ.ଆର.ଶାହାଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି । ସୁପ୍ରିମକୋର୍ଟଙ୍କ ଏହି ନିର୍ଦ୍ଦେଶ ଏଇଥିପାଇଁ ମହତ୍ତ୍ୱ ବହନ କରେ ଯେ, ଭାରତ ଏବେ ତୃତୀୟ ଲହରର ଦ୍ୱାରଦେଶରେ ଦଣ୍ଡାୟମାନ । ସମ୍ଭାବ୍ୟ ତୃତୀୟ ଲହର କେବେ ଆରମ୍ଭ ହେବ ଏବଂ ତା'ର ପ୍ରଭାବ କେବେ ସରିବ ଓ ଅର୍ଥନୀତି କେବେ କରୋନା ପ୍ରଭାବରୁ ମୁକ୍ତ ହେବ ତାହା କେହି କହିପାରିବେ ନାହିଁ । ତେଣୁ ଦେଶର ଅର୍ଥନୀତିକୁ ସଜାଡ଼ିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଏହି ପ୍ରବାସୀ ଶ୍ରମିକମାନଙ୍କ ଜୀବନ ଓ ଜୀବିକାକୁ ସୁରକ୍ଷିତ ରଖିବା ରାଷ୍ଟ୍ର ଓ ସମାଜର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ । ଶ୍ରମଶକ୍ତି ବିନା ଅର୍ଥବ୍ୟବସ୍ଥାକୁ ପ୍ରଖରିତ କରିବା ଅସମ୍ଭବ । ପୁଣି କରୋନା କାଳରେ ସେମାନଙ୍କୁ ସୁରକ୍ଷିତ ରଖିବା ମଧ୍ୟ ଏକ ଜରୁରି ଦାୟିତ୍ୱ । ଏହି ଦାୟିତ୍ୱକୁ ନିଷ୍ଠାର ସହ ନିର୍ବାହ କରିବା ସକାଶେ ରାଜ୍ୟ ଓ କେନ୍ଦ୍ରଶାସିତ କ୍ଷେତ୍ରମାନେ ଏବେ ତତ୍ପରତା ପ୍ରକାଶ କରିବା ଉଚିତ । ଇତିମଧ୍ୟରେ ପିଏମଜିକେୱାଇ ମାଧ୍ୟମରେ ନଭେମ୍ବର ପର୍ଯ୍ୟନ୍ତ ପ୍ରବାସୀ ଶ୍ରମିକଙ୍କ ସକାଶେ ଖାଦ୍ୟାନ୍ନ ସୁନିଶ୍ଚିତ କରାଯାଇଛି । କିନ୍ତୁ କରୋନା ସଂକ୍ରମଣ ଶେଷ ନହେବା ପର୍ଯ୍ୟନ୍ତ ଶ୍ରମିକମାନଙ୍କ ଜୀବନଜୀବିକା ଅନିଶ୍ଚିତ । ତେଣୁ ଦେଶର ଗରିବ ଓ ଆପଦାଗ୍ରସ୍ତ ବର୍ଗଙ୍କ ପରି ଶ୍ରମିକମାନଙ୍କ ସୁରକ୍ଷା ନିମନ୍ତେ ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା ନିର୍ଦ୍ଦେଶ ଓ ଅର୍ଥନୀତିକୁ ସଜାଡ଼ିବା ସକାଶେ କେନ୍ଦ୍ର ସରକାର ଗ୍ରହଣ କରିଥିବା ପ୍ରୋତ୍ସାହନ ଯୋଜନା ଦେଶର ଆର୍ଥିକ ଆଧାରକୁ ସୁଦୃଢ଼ ରଖିବା ଦିଗରେ ଅବଶ୍ୟ ସହାୟକ ହୋଇପାରିବ ।

କିମିତି ପାରୁଛ ଦେଖି ?

ଶ୍ରୀମତୀ ଉତ୍ତରା ନାୟକ

ତୁମରି ଆଦେଶ ସୁଖ, ଦୁଃଖ, ଆସେ,
ଆସେ ହସ, ଆଉ କାନ୍ଦ ।
ତୁମରି ପରଶେ ଏ ଦୁନିଆ ହସେ
ନାନାରୂପ, ରସ, ଗନ୍ଧ ।
ବିନା ଇଙ୍ଗିତରେ ଗଛରେ ପତର
ହଲେ ନାହିଁ ତା ଇଚ୍ଛାରେ
ଋତୁ ରାଜା, ରାଣୀ, ନଗମନ୍ତି କେବେ
ତାଙ୍କର ବି ସ୍ୱଇଚ୍ଛାରେ ।
ଭୂମିରୁ ଭୂମାକୁ, ପଶୁପକ୍ଷୀ, ନର
ନଦୀ, ନଦୀ, ପରବତ,
ତବହାତ ଗଢ଼ା ଏ ସୃଷ୍ଟିତୁମ୍ଭର
ନିମିତ୍ତ ମଣିଷ ମାତ୍ରା
ସ୍ନେହ, ପ୍ରେମ, ମୈତ୍ରୀ, ସବୁଜ ପ୍ରକୃତି
ସୂର୍ଯ୍ୟ, ଚନ୍ଦ୍ର, ଗଗନରେ ।
ସପ୍ତରଙ୍ଗ ବୋଳା ଇନ୍ଦ୍ରଧନୁ ଛଟା
ଆହା କି ସୁନ୍ଦର ଭରେ !
ଆଖିପାଠ ନାହିଁ ଜ୍ଞାନ ହଜିଯାଏ
ବିଚିତ୍ର ସୃଷ୍ଟିକୁ ଦେଖି ।
ଜନମ, ମରଣ, ବିଧିର ବିଧାନ ।
ସବୁତ ରଖିଛ ଯୋଖି
ପଚାରୁଛି ପ୍ରଭୁ ରାଣଖାଇ ମୋର
କହି ଦିଅ ସତ ସତ ।
ସୁଦକ୍ଷ ବିନ୍ଧାଣି ସବୁ ଜାଣି ଜାଣି
ଆଜି କି ମଉନ ବ୍ରତ ? ?
ତୁମରି ଆଗରେ ତୁମ ପରିବାର
ହୋଇଯାଏ ଛାରଖାର ।
ମୃତ୍ୟୁର ତାଣ୍ଡବ ନୃତ୍ୟ ଚାଲିଅଛି
ଶେଷହୀନ ହା-ହା-କାର
ଇଚ୍ଛାଯଦି ତୁମ ସୃଷ୍ଟି ଧ୍ୱଂସ ହେବ,
କିଏ ବା ପାରିବ ରୋକି ?
ପୋକମାଛି ପରି ନରମୁଣ୍ଡ ଗଢ଼େ
କିମିତି ପାରୁଛ ଦେଖି ? ?

+ ବିଚଣା, କେନ୍ଦ୍ରାପଡ଼ା

ଓଡିଶା ମହାଗୌରବ ଇତିହାସ କଥା !!

ଭରତ ଚନ୍ଦ୍ର ଦାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ସଂକ୍ଷେପରେ ଆମେ କହିପାରିବା ଯେ ୧୨୦୦ ଠାରୁ ୧୫୦୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ସୁଦୀର୍ଘ ୩୦୦ ବର୍ଷ ମଧ୍ୟରେ ବିଶାଳ ଓଡିଶା ହିଁ ଥିଲା ଭାରତର ଏକମାତ୍ର ରାଜ୍ୟ ଯାହା ଅନେକ ମହାସଂଗ୍ରାମରେ ବିଜୟୀ ହୋଇ ସଗର୍ବରେ ଏବଂ ସଗୌରବରେ ନିଜର ସ୍ୱାଧୀନତାକୁ ବଜାୟ ରଖିପାରିଥିଲା । ଏହାର ଯୁଗଜୟୀ ନେତୃତ୍ୱ ନେଇଛନ୍ତି ଓଡିଶାର ପ୍ରଥମ ଗଜପତି ସମ୍ରାଟ କପିଳେନ୍ଦ୍ର ଦେବ ଯଦିଓ ଏହାର ଶୁଭାରମ୍ଭ କରି ମହାପରାକ୍ରମୀ ଗଙ୍ଗବଂଶୀ ଲାଙ୍ଗୁଳା ନରସିଂହଦେ, ବଙ୍ଗର ନବାବ ତୁଘ୍ରିଲ ଖାଁଙ୍କୁ ଶୋଚନୀୟ ପରାସ୍ତ କରି ସେ ବଙ୍ଗର ରାଢ ଏବଂ ବରେନ୍ଦ୍ର ଅଧିକାର କରିଥିଲେ ।

ଏଣୁ ସୁରକ୍ଷିତ ରହିପାରିଛି ଓଡିଶାର ଉପରୋକ୍ତ ବିଶ୍ୱପ୍ରସିଦ୍ଧି ମହାନ କୀର୍ତ୍ତିମାନ ଏବଂ ଭାରତର ମହାନ ସଂସ୍କୃତି । ଶ୍ରୀ ଜଗନ୍ନାଥ ଦେଶ ରୂପେ ଓଡିଶା ହୋଇପାରିଛି ଭାରତର ଜନସାଧାରଣଙ୍କ ଆସ୍ଥା ଏବଂ ବିଶ୍ୱାସର ମହାପୁଣ୍ୟଭୂମି !!

ଓଡିଆ ସାମ୍ରାଜ୍ୟର ନିର୍ମାତା ଗଜପତି ସମ୍ରାଟ କପିଳେନ୍ଦ୍ର ଦେବ (ଖ୍ରୀଷ୍ଟାବ୍ଦ ୧୪୩୫-୧୪୬୮)

କପିଳେନ୍ଦ୍ର ଦେବ କୌଣସି ରାଜପୁତ୍ର ନଥିଲେ ବା ରାଜପରିବାରରେ ମଧ୍ୟ ଜନ୍ମିନଥିଲେ । ୧୫ଦଶ ଶତାବ୍ଦୀର ପ୍ରାରମ୍ଭରେ ସେ ଏକ ଓଡିଆ ବୀରସୈନିକ ପରିବାରରେ ତତ୍କାଳୀନ କଟକରେ ଜନ୍ମ ହୋଇଥିଲେ । ତାଙ୍କର ଜନ୍ମଦିବିସ ଓଡିଶାରେ ପାଳିତ ହେଉଥିବା ପବିତ୍ର ସୂର୍ଯ୍ୟପୂଜା ବା 'ଶାମ୍ବଦଶମୀ' ବୋଲି ଲୋକମତ ରହିଛି । ବାଲ୍ୟକାଳରୁ କ୍ରୀଡାକୌତୁକ ସହିତ ପ୍ରଚଳିତ ଶିକ୍ଷାନୁଷ୍ଠାନମାନଙ୍କରେ ଅଧ୍ୟୟନ ଏବଂ ସମରକଳା ପ୍ରଶିକ୍ଷଣ କେନ୍ଦ୍ର ବା 'ଆଖଡା'ରେ ନୈପୁଣ୍ୟତା ହାସଲ କରି ଜଣେ ବିଦ୍ୱାନ ଏବଂ ଶକ୍ତିଶାଳୀ ଯୁବ ଯୋଦ୍ଧାରୂପେ ଓଡିଶାର ତତ୍କାଳୀନ ରାଜା ୪ର୍ଥ ଭାନୁଦେବ ବା ମଉଭାନୁଦେବଙ୍କ ସେନାବାହିନୀରେ ଅଶ୍ୱାରୋହୀ ସୈନିକ ବା 'ରାଉତ' ରୂପେ ଯୋଗ ଦେଇଥିଲେ । ନିଜର ଅସାଧାରଣ ସାହସ, ଶକ୍ତି, ସାମରୀକ ଦକ୍ଷତା ଏବଂ ବିଚକ୍ଷଣତା ପାଇଁ ସେ ମଉଭାନୁଦେବଙ୍କ ପୁତ୍ରବତ୍ ପ୍ରିୟପାତ୍ର ହୋଇ 'ଭ୍ରମରବର' ପଦବୀରେ ବିଶେଷ କ୍ଷମତାର ଅଧିକାରୀ ହୋଇଥିଲେ । ସେ ମଧ୍ୟ ଓଡିଶାର ସାମନ୍ତ ରାଜାମାନଙ୍କର ଆସ୍ଥାଭାଜନ ହୋଇଥିଲେ । ମଉଭାନୁଦେବ ନିସନ୍ତାନ ଥିଲେ ତଥା ବୃଦ୍ଧ ହୋଇ କୌଣସି ଦୃଢ ନିଷ୍ପତ୍ତି ନେବାକୁ ଅସମର୍ଥ ହେଉଥିଲେ । ଓଡିଶାର ଚତୁଃପାର୍ଶ୍ୱରେ ଶକ୍ତିଶାଳୀ ମୁସଲମାନ ସୁଲତାନମାନଙ୍କ ବାରମ୍ବାର ଓଡିଶା ଆକ୍ରମଣ ହେଉଥିଲା ଯାହା ଏଥିପୂର୍ବରୁ ସୁଚିତ ହୋଇଛି । ଏହା ସାଙ୍ଗକୁ ଦାକ୍ଷିଣାତ୍ୟରୁ ବିପଦ ପାଇଁ ଓଡିଶାର ସୁରକ୍ଷା ବିପନ୍ନ ହେଉଥିଲା । ଏଣୁ ଓଡିଶାର ଅନୁରକ୍ତ ସାମ'ରାଜାମାନେ ସୁଯୋଗ୍ୟ କପିଳେନ୍ଦ୍ର ଦେବଙ୍କୁ ଓଡିଶାର ଗଜପତି ରୂପେ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ନିକଟସ୍ଥ 'ପାପନାଶିନୀ ପୁଷ୍କରିଣୀ' କୂଳରେ ମୁକ୍ତାକାଶତଳେ ଅଭିଷେକ କରିଥିଲେ । ଓଡିଶାର ସେହି ଘଡିସନ୍ଧି ସମୟରେ ନିଜ ଜନ୍ମଭୂମିର ସୁରକ୍ଷା ପାଇଁ କପିଳେନ୍ଦ୍ର ଦେବ ଏଥିରେ ସମ୍ମତ ହୋଇଥିଲେ ଏବଂ ମଉଭାନୁଦେବ ପରିସ୍ଥିତି ଦୃଷ୍ଟିରୁ ଏହାକୁ ଗ୍ରହଣ କରିନେଇଥିଲେ । କପିଳେନ୍ଦ୍ର ଦେବଙ୍କ ଜନକଲ୍ୟାଣକାରୀ, ସଂସ୍କାରୀତ ଏବଂ ସୁଦୃଢ ଶାସନ, ଦୃଢ ତଥା ଉଦାର ବ୍ୟକ୍ତିତ୍ୱ ପାଇଁ ସେ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ । ଏଣୁ ସେବେଠାରୁ ଆଜିପର୍ଯ୍ୟନ୍ତ ଓଡିଶାର ସାଧାରଣ ଲୋକମାନେ ତାଙ୍କୁ ('କାଶିଆ କପିଳା ଭେଟ' କିମ୍ବଦନ୍ତୀ ମାଧ୍ୟମରେ ମନେ ରଖିଛନ୍ତି । ଅନ୍ୟ ଏକ କିମଦନ୍ତୀ କପିଳା ଧଇଲେ ହାତୀ ପା (ପାଦ) ଅଟକେ ପରା'! କପିଳେନ୍ଦ୍ରଙ୍କ ଅସାଧାରଣ ଶାରୀରିକ ଶକ୍ତିସାମର୍ଥ୍ୟର ସୂଚନା ଦେଇ ଲୋକମାନେ ତାଙ୍କ ପାଇଁ ଗର୍ବିତ ହେଉଥିଲେ ।) ସମ୍ରାଟ କପିଳେନ୍ଦ୍ର ଦେବଙ୍କ କାଳଜୟୀ ଘୋଷଣା ଥିଲା ମହାପ୍ରଭୁ ଜଗନ୍ନାଥ ହିଁ ଓଡିଶାର ପ୍ରକୃତ ରାଜା । ମୁଁ ତାଙ୍କର ଜଣେ 'ରାଉତ' ସେବକମାତ୍ର !! ଏହି ମହାନ ବାର୍ତ୍ତା ଦ୍ୱାରା ସେ ଓଡିଶାର ପ୍ରତ୍ୟେକ ଜନସାଧାରଣ ଏବଂ ରାଜ୍ୟକର୍ମଚାରୀଙ୍କ ନିକଟତର ହୋଇପାରିଥିଲେ । ଗଠିତ ହୋଇପାରିଥିଲା ଅପରାଜେୟ 'ଶ୍ରୀଜଗନ୍ନାଥ କୈନ୍ଦ୍ରିକ ବୀର ଓଡିଆ ମହାଜାତି' ଯେଉଁମାନେ ଲୁଚିଛପି ଗରିଲା ଯୁଦ୍ଧକରି ବା ଅତର୍କିତ ଆକ୍ରମଣ କରିନୁହେଁ, ସେମାନେ ଶକ୍ତିଶାଳୀ ସୁଲତାନମାନଙ୍କ ସେନାଙ୍କୁଗୋଟିଏ ପରେ ଗୋଟିଏ ସମ୍ମୁଖ ଯୁଦ୍ଧରେ ଆହ୍ୱାନ କରି ପରାସ୍ତ କରିଛନ୍ତି । ଏଥିପାଇଁ ସମ୍ରାଟ କପିଳେନ୍ଦ୍ର ଦେବଙ୍କ ଦିଗବିଜୟ ଅଭିଯାନମାନ ଥିଲା (୧) ବଙ୍ଗ ବା ଗୌଡଦେଶ ଜୟ (୨) ରାଜମହେନ୍ଦ୍ରୀ ଅଧିକାର (୩) କୋଣ୍ଡବିନ୍ଦୁ ଅଧିକାର (୪) ତେଲେଙ୍ଗାନା ବିଜୟ (୫) ବାହମନୀ ଅଧିକାର ଯାହାର ରାଜଧାନୀ ଥିଲା ଗୁଲବର୍ଗ ବା କଳବର୍ଗ (୬) ବିଜୟ ନଗର ବା କଣ୍ଟାଟ ଅଧିକାର । ଏହା ତାଙ୍କର 'ଗଜପତି ଗୌଡେଶ୍ୱର ନବକୋଟି କଣ୍ଟାଟୋଚ୍ଛଳ କଳବର୍ଗେଶ୍ୱର ବୀରାଧିବୀରବର' ଉପାଧିର ଯଥାର୍ଥତା ପ୍ରତିପାଦନ କରିଥାଏ । ଏହି ଉପାଧି ଆଜିର ପର୍ଯ୍ୟନ୍ତ ଓଡିଶାର ବିଭିନ୍ନ ଯୁଗର ଗଜପତିମାନଙ୍କର ମଧ୍ୟ ରହିଆସିଛି । କୁହାଯାଏ ସମ୍ରାଟ କପିଳେନ୍ଦ୍ର ଦେବଙ୍କ ଏକ ସେନା ନେପାଳ ପର୍ଯ୍ୟନ୍ତ ମଧ୍ୟ ଅଗ୍ରସର ହୋଇଥିଲେ । ବାହମନୀ ସାମ୍ରାଜ୍ୟର ଜଣେ ଐତିହାସିକଙ୍କର ଲେଖା ଅନୁଯାୟୀ କପିଳେନ୍ଦ୍ରଙ୍କ ବିଶାଳ ସେନାରେ ଥିଲେ ୨,୦୦,୦୦୦ ଯୁଦ୍ଧହସ୍ତୀ ! ଏହା ଅତିଶୟୋକ୍ତି ବୋଲି ଗ୍ରହଣ କରାଗଲେ ମଧ୍ୟ ଓଡିଶାର ଶତଶତ ଗଡ ବା ସାମରୀକ ଘାଟୀମାନଙ୍କର ଯୁଦ୍ଧହସ୍ତୀମାନଙ୍କ ସଂଖ୍ୟା ନିଶ୍ଚୟ ବହୁ ସହସ୍ର ଥିଲା । ଏଥି ସହିତ ବହୁ ସହସ୍ର ଅଶ୍ୱାରୋହୀ ଏବଂ ଲକ୍ଷାଧିକ ଦୁର୍ଦ୍ଧର୍ଷ ପଦାତିକମାନଙ୍କର ବିଶାଳ ସେନା ଥିଲା ବାସ୍ତବିକ ଅପରାଜେୟ !

ଭାରତର ଏକ ଚତୁର୍ଥାଂଶ ଭୂମି ଉପରେ ଶାସନକରି ଏବଂ ଅର୍ଦ୍ଧାଧିକ ଭୂମି ଉପରେ ପ୍ରଭାବ ବିସ୍ତାର କରି ସମଗ୍ର ଭାରତର ବିଦେଶୀ ସୁଲତାନ ଶାସକମାନଙ୍କର ମହାଭୟ ସୃଷ୍ଟିକରିଥିବା ଏବଂ ସ୍ୱାଧୀନତାର ବାର୍ତ୍ତା ଦେଇଥିବା କପିଳେନ୍ଦ୍ର ଦେବ ଥିଲେ ସମସାମୟିକ ଭାରତବର୍ଷର ସବୁଠାରୁ ଶକ୍ତିଶାଳୀ ସମ୍ରାଟ ! କପିଳେନ୍ଦ୍ରଦେବଙ୍କ ସୁଦୂରପ୍ରସାରୀ ପ୍ରଭାବରେ ହିଁ ତାଙ୍କ ପରେ ମଧ୍ୟ ୧୦୦ବର୍ଷ ପର୍ଯ୍ୟନ୍ତ ଓଡିଶାର ସ୍ୱାଧୀନତା ଅପ୍ରତିହତ ରହିପାରିଥିଲା, ମୋଗଲ ସମ୍ରାଟ ଆକବରଙ୍କ ସମୟରେ ମୁକୁନ୍ଦଦେବଙ୍କ ମୃତ୍ୟୁ ସମୟ ୧୫୬୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ । ତାଙ୍କର ସୁଶାସନ ନିଷ୍ଠୁର କର ଆଦାୟ ବା ଧନସଂପଦ ଆହରଣ ସର୍ବସ୍ୱ ନହୋଇ ପ୍ରଜାନୁରକ ହୋଇଥିବାରୁ ସମ୍ରାଟ କପିଳେନ୍ଦ୍ର ଦେବ ହିଁ ଥିଲେ ଭାରତର ମଧ୍ୟଯୁଗର ସର୍ବଶ୍ରେଷ୍ଠ ଜାତୀୟ ବୀର ଏବଂ ସୁଶାସକ ! ଓଡିଆ ଭାଷାକୁ ତାଙ୍କ ସାମ୍ରାଜ୍ୟର ଭାଷା ରୂପେ ପ୍ରଚଳନ କରିବା ଦୂରଦର୍ଶୀ କପିଳେନ୍ଦ୍ରଦେବଙ୍କ ଏକ ମହାନ୍ ଅବଦାନ ! ତାଙ୍କ ପ୍ରୋତ୍ସାହନ ଓ ପୃଷ୍ଠପୋଷକତାରେ ହିଁ ଓଡିଶାର ଆଦିକବି ସାରଳା ଦାସ ଓଡିଆ ଭାଷାରେ 'ମହାଭାରତ' ଏବଂ ଚଣ୍ଡୀପୁରାଣ ପ୍ରଭୃତି ଗ୍ରନ୍ଥମାନ ରଚନା କରି ଓଡିଆଭାଷାର ନୂତନ ଯୁଗ ସୃଷ୍ଟି କରିଥିଲେ । ବିଦ୍ୱାନ କପିଳେନ୍ଦ୍ରଦେବ ନିଜେ ସଂସ୍କୃତ ଭାଷାରେ 'ପର୍ଶୁରାମ ବିଜୟ' ନାଟକ ଲେଖି ଏହାର ମଞ୍ଚସ୍ଥ କରାଇଥିଲେ । ଜଗନ୍ନାଥ ମନ୍ଦିର ଚତୁଃପାର୍ଶ୍ୱରେ ଆମେ ଦେଖୁଥିବା ସୁଉଚ୍ଚ ଏବଂ ସୁଦୃଢ ପାଚେରୀ ସହିତ ବହୁ ନିର୍ମାଣକାର୍ଯ୍ୟ ମଧ୍ୟ ତାଙ୍କ ରାଜତ୍ୱରେ ହୋଇଥିଲା । ତେବେ କପିଳେନ୍ଦ୍ର ଦେବଙ୍କ ଅକ୍ଷୟ କିର୍ତ୍ତୀ ହେଲା- ସେ ଥିଲେ 'ଓଡିଆ ସାମ୍ରାଜ୍ୟ' ଏବଂ ଶ୍ରୀଜଗନ୍ନାଥ କୈନ୍ଦ୍ରିକ ବୀର ଓଡିଆ ମହାଜାତିର ନିର୍ମାତା ।

ଆଜିର ଓଡିଶା ଇତିହାସ ଦିବସରେ ଆମେ ଓଡିଶାବାସୀ ବିଶେଷରୂପେ ଓଡିଶାର ଛାତ୍ରଛାତ୍ରୀଗଣ ଓଡିଶାର ଆଦି ନିର୍ମାତା - କଳିଙ୍ଗ ସମ୍ରାଟ ଖାରବେଳଙ୍କୁ ଏବଂ ଓଡିଆ ସାମ୍ରାଜ୍ୟର ପ୍ରତିଷ୍ଠାତା - ଗଜପତି ସମ୍ରାଟ କପିଳେନ୍ଦ୍ର ଦେବଙ୍କୁ ଅନ୍ତତଃ ସ୍ମରଣକରି ଅନୁପ୍ରାଣିତ ହେବା ଉଚିତ୍ । ସେମାନେ ଆମର ଚିରନମସ୍ୟ ! (ସମାପ୍ତ)

+ ସଭାପତି, କଳିଙ୍ଗ ବିକାଶ ପରିଷଦ
ମୋ-୯୪୩୯୭୩୩୬୫୬

ସୌଭାଗ୍ୟ ରଞ୍ଜନ ମହାନ୍ତି

ଡାକ୍ତରୀ ଶିକ୍ଷା ଓ ଦ୍ୱିତୀୟ ଭଗବାନ

ଆଗକାଳ ପରି ଆଜିକାଲିକା ଯୁଗ ସମାଜ ନିଜ ଭାଗ୍ୟକୁ ଭବିଷ୍ୟତ ହାତରେ ସମର୍ପି ଦେଉନାହାଁନ୍ତି । ଶୈଶବରୁ ଏପରିକି ଦୁନିଆ ଆଲୋକ ନଦେଖୁଣୁ ପିତାମାତା ସନ୍ତାନମାନେ ଭବିଷ୍ୟତରେ କେଉଁ ବୃତି ନର୍ବାଚନ କରିବ ତାହା ସ୍ଥିର କରୁଛନ୍ତି ଓ ଜନ୍ମ ପରେ ସେମାନଙ୍କୁ ସେଇ ଦିଗରେ ଉତ୍ସାହିତ କରୁଛନ୍ତି । ସମ୍ପ୍ରତି ଗୋଟିଏ ଓ ନିର୍ଦ୍ଦିଷ୍ଟ ବୃତି ମାଧ୍ୟମରେ ଜୀବନ ବଂଚିବାକୁ ଯେଉଁମାନେ ଚାହାଁନ୍ତି ସେ ଦିଗରେ ସେମାନଙ୍କୁ ଦକ୍ଷ କରିବାକୁ ବହୁ ସାଧନା ଉପଲବ୍ଧ । ଲକ୍ଷ୍ୟଟିଏ ସ୍ଥିର କରି ସେଥିପ୍ରତି ନିଷ୍ଠା ରଖିଲେ ସଫଳତା ଅନିବାର୍ଯ୍ୟ । ସାମ୍ପ୍ରତିକ ଯୁବ ସମାଜ ଏ କ୍ଷେତ୍ରରେ ବେଶ୍ ସଚେତନ । ଆଗପରି ସେମାନେ ଲକ୍ଷ୍ୟହିନ ଭାବରେ ପଢୁନାହାଁନ୍ତି କି ଯାହାତାହି ବୃତିରେ ସନ୍ତୁଷ୍ଟ ହେଉନାହାଁନ୍ତି । ଏବେ ସେମାନଙ୍କ ପାଖରେ ବୃତି ଚୟନ ପାଇଁ ବିସ୍ତୃତ ପରିସର ରହିଛି । ପିତାମାତାଙ୍କର ଆର୍ଥିକ ସମ୍ବଳ ବି ରହିଛି, ପିଲାମାନଙ୍କର ପ୍ରବଳ ଇଚ୍ଛାଶକ୍ତି ବି ରହିଛି । ସବୁଠୁ ବଡ କଥା ହେଲା ଜୀବିକା ନିର୍ବାହ ପାଇଁ କୌଣସି କ୍ଷେତ୍ରକୁ ହୀନ କିମ୍ବା ହେୟ ମଣୁନାହାନ୍ତି ।

ସମ୍ପ୍ରତି ଯୁବ ସମାଜ ଡାକ୍ତରୀ ଶିକ୍ଷା ପାଇଁ ପ୍ରବଳ ପ୍ରତିଯୋଗିତାର ସମ୍ମୁଖୀନ ହୋଇ କୃତକାର୍ଯ୍ୟ ବି

ଧାରାବାହିକ ପୌରାଣିକ ଉପନ୍ୟାସ

ଦ୍ୱିତୀୟ ସୂର୍ଯ୍ୟ

ଡ. ସିନ୍ଧୁ ସେନ

ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...

ଭାଗ-୨୨

ମାଉସୀଙ୍କ ମୁହଁରୁ ନିରାଶାର ବାଣୀ ଶୁଣି ବି ମୋ ମନରୁ ଆଶା ହରାଇ ନଥିଲି । ହଁ, ଏଇ ଅଳ୍ପଟିକକ ସାକ୍ଷାତ ପରିଚୟ ଭିତରେ ମାଉସୀ ମୋ ବିଷୟରେ କେତେ ବା ଜାଣିଛନ୍ତି । ତେଣୁ ତାଙ୍କ ମନରେ ମୋ ପାଇଁ ଭୟଜାତ ହେବା ସ୍ୱାଭାବିକ । ମୁଁ କିନ୍ତୁ ମୋ ମନରୁ ଆଶା ହରାଇ ନଥିଲି । ଯେଉଁ ଦୃଢ଼ମନା ହୋଇ ଏତେବାଟ ଆଗେଇ ଆସିଛି ତାହା କ'ଣ ଏତେ ଶୀଘ୍ର ମୋ ମନରୁ ଝଲିଯାଇପାରେ । ବରଂ ଏତେବାଟ ପର୍ଯ୍ୟନ୍ତ ଆଗେଇ ଆସିବାରେ ମୋ ଗତିପଥରେ ଏବେବି ବିଶେଷ ବିପଦ ଆସିନାହିଁ । ତାହାହେଲେ ଆଗକୁ ବି ମୁଁ ବାଧାବିଘ୍ନକୁ ଅତିକ୍ରମ କରିପାରିବି, ଏ ବିଶ୍ୱାସ ମୋର ଅଛି । ତେଣୁ ବୃଦ୍ଧାଙ୍କ କଥାରେ ମୁଁ ଏତେ ଟିକିଏ ବି ଦବିଯାଇ ନ ଥିଲି । ପରଶୁରାମଙ୍କ ଶିଷ୍ୟ ହେବାପାଇଁ ମୁଁ ବଦ୍ଧପରିକର । ମୋ ଆଗରେ କେବଳ ଗୋଟିଏ ଲକ୍ଷ୍ୟ । ଆଉ ସେହି ଲକ୍ଷ୍ୟପୂରଣ ପାଇଁ ମୋତେ ଖୁବ୍ ସତର୍କତାର ସହ ବାଟ ଝଲିବାକୁ ପଡ଼ିବ । ଭଲହେଲା ବୃଦ୍ଧାମାଉସୀଙ୍କ କୁଡ଼ିଆରେ ଅଟକିଯାଇ ଆହୁରି ଅନେକ କଥା ଜାଣିବାର ସୁଯୋଗ ପାଇଲି । ମନେମନେ ବୃଦ୍ଧାଙ୍କ ପ୍ରତି କୃତଜ୍ଞତାରେ ଭରିଯାଉଥିଲା ମୋ ପ୍ରାଣ । ତାଙ୍କର ସହଯୋଗ ଓ ଆତିଥ୍ୟତାକୁ ହାତଉଠାଇ ପ୍ରଣାମ କରୁଥିଲି । ଜଣେ ଶୁଭାକାଂକ୍ଷୀ ମାଆ ଭଳି ସେ ମୋତେ ବୁଝାଇ ଝଲିଥିଲେ । ଆଉ ଏଭଳି ବିପଦସଂକୁଳ ପଥରେ ଆଗକୁ ଆଗେଇ ନଯିବାପାଇଁ ଉପଦେଶ ଦେଉଥିଲେ । କିନ୍ତୁ ସେ କେମିତି ବୁଝିବେ ମୋ ମନର ଅବସ୍ଥା । ପରଶୁରାମଙ୍କ ସାଧନା ପୀଠରେ ନ ପହଞ୍ଚିବା ଯାଏ ମୋ ଅସ୍ଥିର ମନ ଯେ ଶାନ୍ତ ହେବନି । ଆଉ ଏଇଥିପାଇଁ ଯେତେ ବାଧାବିଘ୍ନ ବିପଦ ଆସିଲେ ମଧ୍ୟ ମୁଁ ସହିବାକୁ ପ୍ରସ୍ତୁତ ।

ମାଉସୀ ମୋ ପାଇଁ ପତ୍ରର ଶେଯ ପାରିଦେଇ ନିଜେ ଅଣଓସାରିଆ ଯିବାଆସିବା ରାସ୍ତାରେ ଶୋଇବାକୁ ଝଲିଗଲେ । କଅଁଳିଆ ପତ୍ର ଶେଯରେ ଶୋଇଶୋଇ ମାଉସୀ ହାତର ମମତାର ସ୍ପର୍ଶ ଆଉ ନିବିଡ଼ ଆତିଥେୟତାକୁ ମୁଁ ମର୍ମେମର୍ମେ ଅନୁଭବ କରିପାରୁଥିଲି ।

ବାସ୍ତବରେ ଶାସ୍ତ୍ରକାର ମାନଙ୍କ ମତରେ ଅତିଥି ଦେବତା । ଆତିଥେୟତା ପାଇଁ ଧନର ଆବଶ୍ୟକତା ଠାରୁ ମନର ଆବଶ୍ୟକତା ଯଥେଷ୍ଟ ବେଶି । ଏକ ସ୍ୱଚ୍ଛ, ଶୁଦ୍ଧ, ନିର୍ମଳ ମନ ହିଁ କେବଳ ପ୍ରକୃତ ଅତିଥି ସତ୍କାର କରିପାରେ । ମାଉସୀଙ୍କ ଆତିଥେୟତା ନିକଟରେ ସ୍ୱତଃ ମୋ ମୁଣ୍ଡ ନଇଁ ଯାଉଥିଲା । ଏକ ଉଦାର ଓ ବିଶାଳ ହୃଦୟର ଅଧିକାରିଣୀ ଥିଲେ ମାଉସୀ । ତାଙ୍କର ଆତିଥ୍ୟ ରାଜ ପରିବାର ମଧ୍ୟରେ ମିଳିବା ମଧ୍ୟ ଦୁର୍ଲଭ । ସେଦିନ ରାତିଟା ଏମିତି ଭାବନା ମଧ୍ୟରେ ମଜିରହି କେତେବେଳେ ଯେ ମୋତେ ନିଦ ଆସିଯାଇଥିଲା ତାହା ଜାଣିପାରି ନଥିଲି ।

- ଉଣେଇଶ -

ମାଉସୀଙ୍କ ଡାକରେ ପରଦିନ ସକାଳୁ ଶଯ୍ୟାତ୍ୟାଗ କଲି । ମନରେ ପୁଣି ସେଇ ଚିନ୍ତା । କେତେବେଳେ ପାଦଦେବି ସେଇ ସାଧନା ପୀଠରେ । ମାଉସୀଙ୍କ ଇଂଗିତରେ ନିତ୍ୟକର୍ମ ଶେଷକରି କିଛି ଫଳାହାର କଲି । ରାସ୍ତାରେ ଖାଇବାପାଇଁ ଆଉକିଛି ବଣ୍ୟଫଳ ମୋ ହାତରେ ଦେଇ ମାଉସୀ ମୋତେ ଅନେକ ଉପଦେଶ ଦେଇ ବିଦାୟ ଦେଲେ ।

ଏବେ ମୋତେ ପାଦରେ ଝଲିଝଲି ଯିବାକୁ ପଡ଼ିବ । ମହେନ୍ଦ୍ରଗିରି ପର୍ବତର ପାଦଦେଶରେ ମୁଁ ପହଞ୍ଚି ସାରିଛି । ଏଇଠାରୁ ସରୁ ପାଦଚଲା ରାସ୍ତାରେ ଗଲେ ଶେଷପ୍ରାନ୍ତରେ ମୁଁ ମୋ ଲକ୍ଷ୍ୟସ୍ଥଳରେ ଅନାୟାସରେ ପହଞ୍ଚିପାରିବି । ତେବେ ଏଠି ରାସ୍ତା କେବଳ ଅଣଓସାରିଆ ନୁହେଁ, ବଣ୍ୟଜନ୍ତୁଙ୍କର ଚରାଭୂମି । ବାଘ, ଭାଲୁ ଇତ୍ୟାଦିଙ୍କର ଆକ୍ରମଣର ମଧ୍ୟ ଆଶଙ୍କା ରହିଛି । ତେଣୁ ମୋ ଘୋଡ଼ାଟିକୁ ମାଉସୀଙ୍କ ଜିମାରେ ରଖିଦେଇ କିଛି ଧନୁଶର ଧରି ବାହାରି ପଡ଼ିଲି । ମାଉସୀ ମୋତେ ଆଶୀର୍ବାଦ କରି କହୁଥିଲେ, ମୋ ଯାତ୍ରା ଯେମିତି ସଫଳ ହୁଏ । ମାଉସୀଙ୍କ ଛପର ଛାଡ଼ିବା ପୂର୍ବରୁ ଘୋଡ଼ା ପିଠରେ ହାତବୁଲାଇ ସବୁକଥା ତାକୁ ବୁଝାଇଦେଲି । ତାର ଖାଦ୍ୟପଦାର୍ଥ ଆଦି ମାଉସୀଙ୍କ ହାତରେ ଦେଇ ମୁଁ ଝଲିଲି ଆଗକୁ ।

ମହେନ୍ଦ୍ରଗିରି । ଆକାଶଛୁଆଁ ତୁଙ୍ଗ ଗିରିବର । ଶ୍ୟାମଳ ବନାନୀ ଆଢୁଆଳରେ ଉଦିତ ସୂର୍ଯ୍ୟଙ୍କୁ ଅନାଇ ହାତଯୋଡ଼ି ପ୍ରଣାମ କଲି । ଅନୁଭବ କଲି ମୋ ଗୁରୁଦେବ ସତେ ଯେମିତି ମୋତେ ସସ୍ନେହରେ ଡାକୁଛନ୍ତି । ଡାକୁଛନ୍ତି ମଧ୍ୟ ଗୁରୁ ପରଶୁରାମ । ମୋର ଇପ୍‌ସିତ ପୂଜ୍ୟ ଗୁରୁବେଦ । ମୋ ମନରେ ଜାଗି ଉଠୁଥିଲା ଅଦମ୍ୟ ଉତ୍ସାହ ଓ ପ୍ରେରଣା । ମୋତେ ଆଉ ଆଶ୍ରମରେ ପହଞ୍ଚିବାକୁ ବେଶି ଡେରିନାହିଁ ।

ମୋତେ ସନ୍ଧ୍ୟା ପୂର୍ବରୁ ଶେଷପ୍ରାନ୍ତରରେ ପହଞ୍ଚିବାକୁ ପଡ଼ିବ । ଏପଟେ ସୂର୍ଯ୍ୟଙ୍କ କିରଣ କ୍ରମଶଃ ପ୍ରଖର ହୋଇ ଉଠୁଥାଏ । ଆଉ ମୋ ମନ ବି । ପଥଚଲା ରାସ୍ତାର ଦୁଇଧାରରେ ଅପୂର୍ବ ସୁଷମା । ଶ୍ୟାମଳ ବନାନୀର ବର୍ଣ୍ଣିଳ ଆଭା ମୋତେ ଯେମିତି ଅଭିନନ୍ଦନ ଜଣାଉଥିଲେ । ମୋ ସଫଳ ଯାତ୍ରାର ସଂକେତ ବହନ କରି ଦୋହଲି ଉଠୁଥିଲା ଗଛପତ୍ର । ମାଉସୀଙ୍କ କଥା ଅନୁଯାୟୀ ବଣ୍ୟଜନ୍ତୁଙ୍କ ଗୁରୁଗମ୍ଭୀର ସ୍ୱର ମୁଁ ବେଶ୍ ଶୁଣି ପାରୁଥିଲି । ତଥାପି ମୋ ମନରେ ନଥିଲା ଭୟ । ଲକ୍ଷ୍ୟ ଯାହାର ଉଚ୍ଚ । ଆଶା ଯାହାର ଅସୀମ । ତାକୁ ପୁଣି କେଉଁ ଭୟ ଆକ୍ରାନ୍ତ କରିବ ।

ବେଳା ଯେତେ ଗଡ଼ି ଯାଉଥାଏ, ମୋର ଗତି ମଧ୍ୟ ସେମିତି ବଢ଼ି ଝଲୁଥାଏ । ମନରେ ଉଦ୍‌ବେଗ । ପଶ୍ଚିମାକାଶ କ୍ରମଶଃ ଲାଲ୍ ହୋଇ ଉଠୁଥିଲା । ସନ୍ଧ୍ୟା ଆସନ୍ନ ପ୍ରାୟ । ମୁଁ ବି ମୋର ଲକ୍ଷ୍ୟସ୍ଥଳ ମହେନ୍ଦ୍ରଗିରିର ଶିଖରଦେଶରେ ଉପନୀତ ହୋଇ ସାରିଛି । ମୋତେ ଏବେ ସତର୍କତା ସହ ଚଳିବାକୁ ପଡ଼ିବ । ଭାଗ୍ୟରେ ଥିଲେ ଗୁରୁଙ୍କ ଆଶ୍ରମରେ ମୋତେ ମାସମାସ ଧରି ବି ରହିବାକୁ ପଡ଼ିବ ।

ମହେନ୍ଦ୍ରଗିରିର ଶିଖର ଦେଶରେ ବିସ୍ତୃତ ସମତଳ ଅଞ୍ଚଳରେ ମୁଁ ଏବେ ପାଦଦେଇ ସାରିଛି । ଅଳ୍ପଦୂରରେ ଛୋଟ ଝରଣାଟିଏ । ତାରି କୂଳରେ ସଂଧ୍ୟା କରିବି ବୋଲି ନିଜକୁ ପ୍ରସ୍ତୁତ କରିନେଲି । ଶେଷପ୍ରାନ୍ତରେ ପହଞ୍ଚି ମୋ ଅସ୍ତ୍ରଶସ୍ତ୍ରକୁ ଏକ ଗିରିଗୁହା ମଧ୍ୟରେ ଲୁଚାଇ ଦେଇ ଆସିଛି । ଏବେ ମୋତେ ବ୍ରାହ୍ମଣ ବେଶ ଧରିବାକୁ ପଡ଼ିବ । ନହେଲେ ସବୁ ଅନର୍ଥ ହୋଇଯି । ନିଜକୁ ବ୍ରାହ୍ମଣର ପରିଚୟ ନଦେଲେ ଶିଷ୍ୟତ୍ୱ ମିଳିବା କଷ୍ଟକର ହୋଇପଡ଼ିବ । ତେଣୁ ପୋଷାକପତ୍ର ବଦଳାଇ ନେଇ ବ୍ରାହ୍ମଣ ବେଶରେ ସଂଧ୍ୟା ପୂଜାପାଇଁ ଝରଣାକୂଳକୁ ଆଗେଇଗଲି । ଦୂର ଦିଗ୍‌ବଳୟ ସେପଟେ ସୂର୍ଯ୍ୟଦେବ ଏବେ ବୁଡ଼ିବା ଉପରେ । ନିଜର ଶେଷ କିରଣ ଟିକକ ଝରଣା ଜଳରେ ବୁଣିଦେଇ ବିଦାୟ ନେବାକୁ ବସିଲେଣି । ସୂର୍ଯ୍ୟଙ୍କର ସେଇ କମନୀୟ, କଲ୍ୟାଣମୟୀ ରୂପକୁ ପ୍ରାଣଭରି ଦେଖିନେଲି । ହାତଯୋଡ଼ି ସୂର୍ଯ୍ୟଙ୍କୁ ପ୍ରଣାମ କଲି । ଜାଣେନା ସୂର୍ଯ୍ୟଙ୍କ ସହ ମୋର ଏମିତି କି ଅଜଣା ସଂପର୍କ । ନହେଲେ ତାଙ୍କୁ ଯୋଡ଼ହସ୍ତରେ ପ୍ରଣାମ କରିବାକୁ ଗଲେ ମୋତେ ଯେମିତି ଲାଗେ, ସତେଯେମିତି ସୂର୍ଯ୍ୟଦେବ ମୋରି ସମ୍ମୁଖରେ ଏକ ମୂର୍ତ୍ତିମାନ ମାନବ ରୂପରେ ବିରାଜମାନ ହୋଇଛନ୍ତି । ଆଉ ମୋରି ମୁଣ୍ଡରେ ହାତବୁଲାଇ ଆଶୀର୍ବାଦ ଢାଳି ଦେଉଛନ୍ତି । ଏସବୁ ଭାବିଲେ ମୋତେ ଯେତେ ରହସ୍ୟ ଲାଗେ ସେତିକି ଆଚମ୍ବିତ ଲାଗେ । ଏ ରହସ୍ୟ କେବଳ ଆଜିର ନୁହେଁ, ଅନେକ ଦିନରୁ । ମୋ ମନ ଦର୍ପଣରେ ପ୍ରତିଫଳିତ ହେଉଥାଏ ସେ କଥା ମୁଁ ବେଶ୍ ଅନୁଭବ କରିପାରୁଥିଲି । ହେଲେ କାହାକୁ ପଚାରିବି ଏ ରହସ୍ୟର କାରଣ । କିଏ ବା ମୋତେ ଦେବ ଏହାର ସଠିକ୍ ଉତ୍ତର ।

ମୁଦ୍ରିତ ଆଖିରେ ସୂର୍ଯ୍ୟଦେବଙ୍କୁ ଧ୍ୟାନ କରୁଥିଲି । ତେଣୁ ଝରଣା ଜଳରେ ଆଉ କାହାରି ଉପସ୍ଥିତିକୁ ଜାଣିବା ମୋ ପାଇଁ ସମ୍ଭବ ନଥିଲା । ଆଖି ଖୋଲିବାମାତ୍ରେ ଆଉ ଏକ ଦୃଶ୍ୟ ମୋ ଆଖିରେ ପଡ଼ିଲା । ମୋ ଠାରୁ କିଛି ଦୂର ବ୍ୟବଧାନରେ ଥିବା ଅନ୍ୟ ଏକ ତୁଠରେ କେହି ଜଣେ ସଂଧ୍ୟା ପୂଜାରେ ମଗ୍ନ ଥିଲେ । ଶୁଭ୍ରକେଶ, ଶୁଭ୍ର ଶ୍ମଶ୍ରୁ, ମୁହଁରେ ଏକ ଦିବ୍ୟଜ୍ୟୋତିର ଝଲକ । ଋଷି ଜଣକ ବୋଧହୁଏ ବୃଦ୍ଧ ହେବେ । ଚେହେରାରୁ ସେ ଯେ ଜଣେ ଋଷି ଏହା ବେଶ୍ ସ୍ପଷ୍ଟ ବାରି ହୋଇ ପଡୁଥିଲା । ମୋ ମନରେ ଉଜ୍ଜ୍ୱଳି ଉଠିଲା ଏକ ନୂଆ ଆଶାର ଆଲୋକ । ଏହି ଋଷିଙ୍କଠାରୁ ନିଶ୍ଚୟ ଆଚାର୍ଯ୍ୟଙ୍କ ଆଶ୍ରମର ଠିକଣା ମିଳିଯିବ । ଏବେ ଆଉ ଆଶ୍ରମରେ ଉପସ୍ଥିତ ହେବାର କିଛି ଅସୁବିଧା ହେବନି । ତାଙ୍କ ସଂଧ୍ୟା ପୂଜା ସରିବା ପର୍ଯ୍ୟନ୍ତ ଧୈର୍ଯ୍ୟଧରି ଅପେକ୍ଷା କଲି ।

ଋଷି ଏଥର ସନ୍ଧ୍ୟାପୂଜା ସାରି ତୁଠ ଉପରକୁ ଉଠିଲେ । ତାଙ୍କ ପାଖକୁ ଯାଇ ଭକ୍ତି ସହକାରେ ତାଙ୍କୁ ପ୍ରଣାମ କଲି । ଏଥର ତାଙ୍କ ଓଠତଳେ ଲାଖିଗଲା ଏକ ପରିତୃପ୍ତିର ହସଟିଏ । ତାଙ୍କର ବଳିଷ୍ଠ ବାହୁ, ପ୍ରଶସ୍ତ ବକ୍ଷ, ଅସୀମ ତେଜରୁ ତାଙ୍କର ବ୍ୟକ୍ତିତ୍ୱ ବାରି ହୋଇପଡୁଥିଲା । ମୁନିବର ଆଖି ବୁଲାଇ ମୋତେ ନିରୀକ୍ଷଣ କରୁଥାନ୍ତି । ମୋର ଆପାଦ ମସ୍ତକ ଭଲଭାବରେ ଲକ୍ଷ୍ୟ କରୁଥାନ୍ତି । ମୋରି ଉଦ୍ଦେଶ୍ୟରେ ପଚାରିଲେ, ତୁମେ ହିଁ ଦେବ ସୂର୍ଯ୍ୟମନ୍ତ୍ର ଉଚ୍ଚାରଣ କରୁଥିଲ ? ବାଃ ବେଶ୍ ଚମତ୍କାର ତୁମର ସଂସ୍କୃତ ଉଚ୍ଚାରଣ, ତୁମେ କ'ଣ ବ୍ରାହ୍ମଣ ?

ନତମସ୍ତକ ହୋଇ ମୌନ ଓ ବିନମ୍ର ଭାବେ ସମ୍ମତି ସୂଚକ ଉତ୍ତର ଦେଲି । ମନ ତଳେ କିନ୍ତୁ ଅଜଣା ଆତଙ୍କ ।

ଏ ମିଥ୍ୟା ବ୍ରାହ୍ମଣ ପରିଚୟ ଦେଇ ଧରାପଡ଼ିଯିବିନି ତ ଆଉ ? ତେବେ ମୋର ତ କେବଳ ପରଶୁରାମଙ୍କ ପାଖରେ ମିଥ୍ୟା ପରିଚୟ ଦେବାର ଥିଲା । ଅଥଚ ଏଠାରେ ଯାହାଙ୍କ ସାମନାରେ ଠିଆହୋଇଛି ସେ ଯଦି ସ୍ୱୟଂ ପରଶୁରାମ ହୋଇଥାଆନ୍ତି ? ଏଭଳି ଏକ ଅନ୍ତର୍ଦ୍ୱନ୍ଦ୍ୱ ମଧ୍ୟରେ ଗୋଳାଇଘାଣ୍ଟି ହେଉଥାଏ । ଋଷିବର ମୋତେ ନାନାଦି ପ୍ରଶ୍ନ ପଚାରି ବୋଧହୁଏ ମୋ କଥାର ସତ୍ୟତା ପରୀକ୍ଷା କରୁଥାନ୍ତି ? ଘଟଣାକ୍ରମେ ମୋର ନାମ, ଗୋତ୍ର, ବଂଶ ପରିଚୟ ଇତ୍ୟାଦି ସବୁ ଟିକିନିଖି ଖବର ମୋ ଠାରୁ ବୁଝିନେଲେ । ଋଷିବରଙ୍କ ପ୍ରାଥମିକ ପରୀକ୍ଷାରୁ ସତେଯେମିତି ମୁଁ ବିଜୟଲାଭ କଲି । ଲକ୍ଷ୍ୟ କରୁଥିଲି ଋଷିବର ମନ ସନ୍ଦେହଶୂନ୍ୟ କି ନୁହେଁ । ଗୁରୁ ଦ୍ରୋଣଙ୍କଠାରୁ ଆମେ ସମସ୍ତ ଶିଷ୍ୟ ବେଦାନ୍ତ ସଂପର୍କରେ କିଛି ଶିଖିଥିଲୁ । ତାଛଡ଼ା ଗୁରୁପୁତ୍ର ଅଶ୍ୱତ୍‌ଥାମାଙ୍କ ଶାସ୍ତ୍ର, ଜ୍ଞାନ, ସମ୍ବନ୍ଧରେ ଆଲୋଚନା କରି ମୋ ଜ୍ଞାନର ପରିଧି ପରିବ୍ୟାପ୍ତ କରିବାରେ ମୋତେ ବିଶେଷକିଛି ଅସୁବିଧା ହୋଇନି । ମୋ ମୁହଁରୁ ଅନର୍ଗଳ ସଂସ୍କୃତ ଶ୍ଳୋକ ଗୁଡ଼ିକ ଶୁଣି ଋଷି ବହୁତ ପ୍ରସନ୍ନ ହୋଇଗଲେ । ମୋର ଭାର୍ଗବ ଗୋତ୍ର ଜାଣି ଆହୁରି ଆନନ୍ଦିତ ହୋଇଗଲେ । ଏବେ ମୋର ଋଷିବରଙ୍କଠାରେ ଜନ୍ମିଥିବା ଭୟ କିଛିଟା କମିଗଲା । ତାଙ୍କୁ ମୋର ଏଠିକୁ ଆସିବାର ଉଦ୍ଦେଶ୍ୟ ଜଣାଇଲି । ମୋ ଠାରୁ ସମସ୍ତ ଅବଗତ ହୋଇ ସେ ନିଃସଂକୋଚରେ ନିଜେ ତାଙ୍କର ପରିଚୟ ବ୍ୟକ୍ତ କରିଦେଲେ । ଅତି ଆନନ୍ଦରେ ମୋତେ ତାଙ୍କର ବାହୁବନ୍ଧନରେ ବାନ୍ଧିରଖିଲେ ।

ମୁଁ ଅଭିଭୂତ ହୋଇପଡ଼ିଲି । ମୁଁ ଯେ ସ୍ୱୟଂ ଭାର୍ଗବ ପରଶୁରାମଙ୍କ ବାହୁଛାୟା ତଳେ ଉପସ୍ଥିତ ହୋଇପାରିଛି ସେଥିପାଇଁ ମୋ ଇଷ୍ଟଦେବଙ୍କୁ ମନେମନେ କୃତଜ୍ଞତା ଜଣାଇଲି । ମୁଁ ମୋ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିଛି । ମୋ ଆଖିରେ ଆନନ୍ଦାଶ୍ରୁ ବୋହି ଯାଉଥିଲା । ତାଙ୍କ ପାଦଯୁଗଳକୁ ଜାବୁଡ଼ି ଧରି ମୋ ଅଶ୍ରୁରେ ଧୋଇଦେଲି ।

ମୋତେ କ୍ଷମା କରନ୍ତୁ ଆଚାର୍ଯ୍ୟ, ଆପଣଙ୍କୁ ଚିହ୍ନି ନପାରି ଯାହାସବୁ କହିଗଲି ସେଥିପାଇଁ ମୋ ଧୃଷ୍ଟତା ମାର୍ଜନା କରନ୍ତୁ ପ୍ରଭୋ ! ମୋତେ କ୍ଷମା କରି ମୋତେ ଶିଷ୍ୟଭାବେ ଗ୍ରହଣ କରନ୍ତୁ ।

ମୋତେ ହାତଧରି ଉଠାଇନେଇ ପୁନର୍ବାର ଆଲିଙ୍ଗନ ଫାଶରେ ଆବଦ୍ଧ କରି କହିଲେ, କ୍ଷମା ମାଗିବାର ପ୍ରୟୋଜନ ନାହିଁ ବତ୍ସ ! ତୁମେ ତ ଜଣେ ଯୋଗ୍ୟ ଭାର୍ଗବ ଦାୟାଦର ପରିଚୟ ଦେଇସାରିଛ । ତୁମକୁ ମନେମନେ ମୁଁ ଶିଷ୍ୟରୂପେ ବରଣ କରିନେଇଛି । ଏବେ ମୋ ସହ ଆଶ୍ରମକୁ ଝଲ । ପାରମ୍ପରିକ ରୀତିରେ ଶିଷ୍ୟତ୍ୱର ଦୀକ୍ଷା ଗ୍ରହଣ କରିବ । ତୁମଭଳି ଜଣେ ସୁଯୋଗ୍ୟ ଶିଷ୍ୟକୁ ପାଇ ମୁଁ ମଧ୍ୟ ଗର୍ବିତ । ତୁମ ସହ ଅଳ୍ପ ସମୟ ଆଳାପ ମଧ୍ୟରେ ମୁଁ ତୁମର ଶାସ୍ତ୍ରଜ୍ଞାନର ପରିଚୟ ପାଇସାରିଛି ।

ତାଙ୍କୁ ଅନୁସରଣ କରି ପଛେପଛେ ଝଲିଥାଏ । ମୋ ମନରେ ଅନେକ ଭାବନା ଏଇ କ'ଣ ତେବେ ଅତୀତର ସେଇ ପରଶୁରାମ । ଯିଏ ଥରେ ନୁହେଁ ଏକୋଇଶ ଥର ପୃଥିବୀକୁ କରିଥିଲେ କ୍ଷତ୍ରିୟଶୂନ୍ୟ ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨

'କାଲି' କିଛି ନଥାଏ

ଶ୍ୱେତା ରାଉତ୍

ଜୀବନର ଅପାର ଆନନ୍ଦ ଅନେକ ସ୍ୱପ୍ନ ନେଇ ବାହା ହେଉଥିବା ବରଟିର ବେଦୀ ଉପରେ ପ୍ରାଣ ଚାଲିଯାଉଛି । ଭଉଣୀ ଘରକୁ ଅତି ଖୁସିରେ ସାବିତ୍ରୀ ଭାର ନେଇ ଯାଉଥିବା ବାପା, ଭାଇ ଗାଡି ଦୁର୍ଘଟଣାରେ ମରି ଯାଉଛନ୍ତି । ନଅ ମାସ ଗର୍ଭ କଷ୍ଟ ସହି ସନ୍ତାନ ପ୍ରସବ କରୁଥିବା ମାଆ ତା ନିଜ ସନ୍ତାନକୁ ଦେଖିବା ଆଗରୁ ପ୍ରାଣ ଚାଲିଯାଉଛି । ଏକମାତ୍ର ପୁଅର ଭରସା କରି ବଞ୍ଚୁଥିବା ଅନ୍ଧ ବାପା ମାଆଙ୍କ ପୁଅ ବର୍ଡର ଉପରେ ସହୀଦ୍ ହୋଇଯାଉଛି । ଆନନ୍ଦରେ ଭୋଜି ଖାଇବାକୁ ଗାଡିରେ ଯାଉଥିବା ସମ୍ପୂର୍ଣ୍ଣ ପରିବାର ବ୍ରିଜ୍ ଉପରୁ ପଡି ଗାଡି ସହ ଜଳି ଯାଉଛନ୍ତି । ମାସକର ଶିଶୁକୁ ଛାଡି ଯାଇଥିବା କର୍ତ୍ତବ୍ୟରତ ନର୍ସଟିଏ ଜୀବନ ନେଇ ଆଉ ଫେରୁନାହିଁ । ସକାଳୁ ଅଫିସ ଯାଇଥିବା କାହା କାହାର ପୁଅ କି ବାପାମାନେ ସନ୍ଧ୍ୟାରେ ଶବ ହୋଇ ଫେରୁଛନ୍ତି । ଏହାହିଁ ଜୀବନର ସତ୍ୟତା, ଯେଉଁଠି ପର ମୁହୂର୍ତ୍ତଟିଏ ବି ଆମର ନୁହେଁ । ଯେଉଁଠି ବାଡିବା ଭାତକୁ ଆୟୁଷ ନଥାଏ, ସେଠି ଆମେ କାହାପାଇଁ ଚିନ୍ତାକରି ସ୍ୱାର୍ଥ, ହିଂସା, ଈର୍ଷା-ଅସୂୟା, ଲୋଭକୁ ଜାବୁଡି ଧରି ଆଜିର ସମ୍ପର୍କକୁ ମାରିଦେବା ନିନ୍ଦନୀୟ ନୁହେଁ କି ?

ଆମମାନଙ୍କର ଅଭ୍ୟାସ ଆମେ ସବୁବେଳେ କାଲିକୁ ନେଇ ବଞ୍ଚନ୍ତି । କାଲିର ପୀଡା ଆମର 'ଆଜି'କୁ ମାରିଦିଏ । କାଲି କଣ ଘଟିଗଲା, କେତେ ଅପମାନ, ଦୁଃଖ, ତିରସ୍କାର, ଧୋକା ମିଳିଲା ତାର ପଶ୍ଚାତାପରେ କେହି କେହି ସଦାସର୍ବଦା ଦୁଃଖରେ ବୁଡି ରୁହନ୍ତି ତ ଆଗାମୀ କାଲି କେତେ ସଫଳ ହେବି, ଧନୀ ହେବି, କ୍ଷମତାଶାଳୀ ହେବି, ରାଜା ବନିବାର ଅଭିପ୍ସାରେ ଜୀବନ ସହିତ ପ୍ରତିଯୋଗିତା ଆରମ୍ଭ କରି କେହି କେହି ସୁଖ ଓ ସଫଳତା ଆଶାରେ ବର୍ତ୍ତମାନର ସୁଖଶାନ୍ତିକୁ ପାଦରେ ଦଳି ଦେଇଥାନ୍ତି । ନିଜ ଉନ୍ନତି ପଥରେ ଯଦି କେହି ବାଧକ ସାଜେ, ତାକୁ ନିର୍ମମ ଭାବେ ହତ୍ୟା କରିବାକୁ ପଛାନ୍ତି ନାହିଁ । ଆପଣା ସ୍ୱାର୍ଥରେ ଆଗେଇ ଯାଆନ୍ତି ।

ଏ କାଲି କଣ ଜୀବନରେ ଏତେ ମହତ୍ତ୍ୱ ରଖେ ! କାଲିର ମୋହରେ ମଣିଷ ଏତେ ହିଂସ୍ର ହୋଇଯାଏ କାହିଁକି ? କାଲିକୁ ଥରେ ଭୁଲିବା ଶିଖନ୍ତୁନା ଦେଖିବେ ଆପଣଙ୍କ ଆଜି ସବୁବେଳେ ସରସ ସୁନ୍ଦର ରହିବ । ସୂର୍ଯ୍ୟଙ୍କ ଆଡକୁ ଦେଖନ୍ତୁ ପ୍ରତିଦିନ ସେ ଘମାଘୋଟ ଅନ୍ଧାର ସହିତ ଲଢିଥାଏ ଏବଂ ପ୍ରତିଦିନ ନୂଆ ଉନ୍ମାଦ, ନୂଆ ଉର୍ଜା, ନୂଆ ଆଶା ନେଇ ପୁଣି ଉଇଁଥାଏ । ମନ୍ଦିର ହେଉ କି ମଇଳା ସମସ୍ତଙ୍କୁ ସମାନ କିରଣ ଦେଇଥାଏ । ତେବେ ଆପଣ ବି ଗତକାଲିର ଦୁଃଖ, ଅପମାନ, ହତାସ, ନିରାଶ ରୂପକ ଅନ୍ଧକାରକୁ ଭୁଲି ନୂଆ ଉର୍ଜା, ନୂଆ ସକାଳ, ନୂଆ ଜୀବନର ଆରମ୍ଭ କରନ୍ତୁ ଏବଂ ନିଜ କର୍ତ୍ତବ୍ୟ ଠିକ୍ ସୂର୍ଯ୍ୟ ଭଳି କରନ୍ତୁ, ଦେଖିବେ ଦୁଃଖର ଅନ୍ଧାର ଆପେ ଆପେ ହଟିଯିବ ।

ବୃକ୍ଷଟିଏ ଦେଖନ୍ତୁ ସେ ଯେତେ ଫଳଭର୍ତ୍ତି ହୋଇଥାଏ, ଲୋକେ ସେତେ ଢେଲା ମାରି ଫଳ ତୋଳି ନିଅନ୍ତି । ଗଛଟି ତିଳେ ବି ଅବଶୋଷ କରେନାହିଁ । ଅବଶ୍ୟ ଫଳକୁ ଗଛରୁ ଅଲଗା କଲାବେଳେ ଗଛକୁ ଦୁଃଖହୁଏ, କିନ୍ତୁ ଗଛ ଏହ

ଖୋର୍ଦ୍ଧା ଜିଲ୍ଲାର ଦୀର୍ଘ ଦିନର ସମସ୍ୟା ସମାଧାନ ଦାବିରେ ଭୁବନେଶ୍ୱର ଯୁଗ୍ମ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

ଭୁବନେଶ୍ୱର,୩୦/୬ (ନି.ପ୍ର): ଯୁଗ୍ମ ଶ୍ରମ କମିଶନରଙ୍କ ଶ୍ରମିକ ବିରୋଧୀ ପଦକ୍ଷେପ ବିରୋଧରେ ଯୁଗ୍ମ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିର୍ମାଣ ଶ୍ରମିକ ୟୁନିୟନ୍ ସମନ୍ୱୟ କମିଟି ତରଫରୁ ବିରାଟ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି । ଖୋର୍ଦ୍ଧା ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ନିର୍ମାଣ ଶ୍ରମିକଙ୍କ ସହାୟତା ରାଶି ପ୍ରଦାନରେ ଟାଳଟୁଳ ନୀତି, ଦୀର୍ଘଦିନ ଧରି ପଡ଼ି ରହିଥିବା ଘୋଷିତ ସହାୟତା, ଯଥା - ମୃତ୍ୟୁକାଳୀନ, ଶିକ୍ଷା, ବିବାହ, ପ୍ରସୂତୀ ଓ ନୂତନ ପଞ୍ଜିକରଣ ବର୍ଷ ବର୍ଷ ଧରି ପଡ଼ି ରହିଥିଲେ ମଧ୍ୟ ଏଠାରେ ଅବସ୍ଥାପିତ ଯୁଗ୍ମ ଶ୍ରମ କମିଶନର ଉଦ୍ଦେଶ୍ୟମୂଳକ ଭାବରେ ଏହାକୁ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି । ରାଜ୍ୟରେ ବିଭିନ୍ନ ଶ୍ରମ ଜିଲ୍ଲା ମଧ୍ୟରୁ ଖୋର୍ଦ୍ଧା ଜିଲ୍ଲା ଏକ ଗୁରୁତ୍ୱପୂର୍ଣ୍ଣ ଶ୍ରମ ଜିଲ୍ଲା ଅଟେ । ତେଣୁ ବାସ୍ତବତାକୁ ବିଚାର କରି ରାଜ୍ୟ ସରକାର ଏହାକୁ ପରିବର୍ତ୍ତିତ କରି ଯୁଗ୍ମ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟ ସୃଷ୍ଟି କରିଛନ୍ତି । ଜନୈକ ଶ୍ରମ ଅଫିସର ଉକ୍ତ କାର୍ଯ୍ୟାଳୟରେ ଉପ-ଶ୍ରମ କମିଶନର୍ ଭାବେ ବଦଳି ହୋଇ ଆସିବା ପରେ ଉକ୍ତ କାର୍ଯ୍ୟାଳୟ ଯୁଗ୍ମ ଶ୍ରମ କମିଶନର କାର୍ଯ୍ୟାଳୟକୁ ପରିବର୍ତ୍ତିତ ହେଲାପରେ ଯୁଗ୍ମ ଶ୍ରମ କମିଶନର ଭାବେ ଅବସ୍ଥାପିତ ହୋଇଆସିଛନ୍ତି । କିନ୍ତୁ ସମ୍ପୃକ୍ତ ଅଫିସର ଏଠାରେ ଯୋଗଦେବା ପରେ ସମ୍ପୂର୍ଣ୍ଣ କାର୍ଯ୍ୟାଳୟଟି କୋମା ଅବସ୍ଥାକୁ ଚାଲିଯାଇଛି । ବିଭିନ୍ନ ଆଳ ଦେଖାଇ, ଯଥା - କାର୍ଯ୍ୟାଳୟ ଗୃହ ମରାମତିଠାରୁ କାରୋନା ମହାମାରୀ ଦ୍ୱାହି ଦେଇ ସମଗ୍ର କାର୍ଯ୍ୟାଳୟରେ ଅଚଳାବସ୍ଥା ସୃଷ୍ଟି କରିଛନ୍ତି । ବିଭିନ୍ନ ଆଳରେ ବାର୍ଷିକ ନବୀକରଣ ଦେୟ ବନ୍ଦ କରିବା ସହ ଅନ୍ୟାନ୍ୟ କାର୍ଯ୍ୟ ବନ୍ଦ ରହିଛି । ଗତ କରୋନା ମହାମାରୀ ସମୟରେ ଏପ୍ରିଲ ମାସଠାରୁ ଘୋଷିତ କରୋନା ସହାୟତା ରାଶି ଜୁନ୍ ମାସଠାରୁ ପାଇବା ପାଇଁ ଆବେଦନ କରିଥିଲେ ମଧ୍ୟ ତାହାକୁ ପ୍ରଦାନ କରୁନାହାନ୍ତି ।

ଅରୂପା (ଭୁବନେଶ୍ୱର) ତରଫରୁ ଫକିରପୁର ଏବଂ ବାରିଗାଁ କାଗଜ ମଣ୍ଡ ହସ୍ତଶିଳ୍ପୀ କାରିଗର ପରିବାରଙ୍କୁ କରୋନା ସହାୟତା ପ୍ରଦାନ

ଭୁବନେଶ୍ୱର,୩୦/୬ (ନି.ପ୍ର): ଅରୂପା (ଓଡ଼ିଶାର ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଉତ୍ପାଦକ ସଂଘ) ଭୁବନେଶ୍ୱରଠାରେ ମୁଖ୍ୟ କାର୍ଯ୍ୟାଳୟ ରହି ଓଡ଼ିଶାର ୩୦ଟି ଜିଲ୍ଲାରେ ହସ୍ତଶିଳ୍ପ କାରିଗରମାନଙ୍କ ପାଇଁ କାର୍ଯ୍ୟ କରି ଆସୁଅଛି । ୧୯୯୦ ମସିହା ଠାରୁ ଓଡ଼ିଶାର ହସ୍ତଶିଳ୍ପ ଓ ବୁଣାକାରମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରି ଆସୁଅଛି । ହସ୍ତଶିଳ୍ପ ସାମଗ୍ରୀ ବିକ୍ରିବଟା ଠାରୁ ଆରମ୍ଭ କରି କୌଶଳ ବୃଦ୍ଧି, ନୂତନ ଡ଼ିଜାଇନ ପ୍ରସ୍ତୁତି, ବିଭିନ୍ନ ଜିଲ୍ଲାର ସଦର ମହକୁମାରେ ସର୍ବଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ ଆୟୋଜନ କରି, କରୋନା ସମୟରେ ହସ୍ତଶିଳ୍ପ ପରିବାର ଏବଂ ବୁଣାକାରଙ୍କ ପରିବାରଙ୍କୁ କରୋନା ସହାୟତା ପ୍ରଦାନ କରି ଆସୁଅଛି । ମହାମାରୀ କରୋନା ସମୟରେ କାରିଗରମାନେ କାମଧନ୍ଦା ହରାଇ ଦୁଃଖ ଓ ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି । ବିଶେଷକରି କାରିଗରମାନଙ୍କର ଜିନିଷପତ୍ର ବିକ୍ରିବଟା ନହେବା, ଉପଯୁକ୍ତ କଞ୍ଚାମାଲ ନ ମିଳିବା, ସରକାରୀ ସହାୟତା ନ ମିଳିବା ଏବଂ ବିଭିନ୍ନ ସ୍ଥାନରେ ହେଉଥିବା ପ୍ରଦର୍ଶନୀ ବନ୍ଦ ରହିବା ଫଳରେ କାରିଗରମାନଙ୍କର ଜୀବନ ଜୀବିକା ଠପ୍ ହୋଇଯାଇଛି । ଉକ୍ତ ଆସୁବିଧାକୁ ଦୃଷ୍ଟିରେ ରଖି ଅରୂପା ତରଫରୁ କେନ୍ଦୁଝର ଜିଲ୍ଲାର ଫକିରପୁର ଗ୍ରାମର ୧୦୦ଜଣ (ଶହେ) କାଗଜ ମଣ୍ଡ ମହିଳା ହସ୍ତଶିଳ୍ପ ପରିବାର ଏବଂ ଉକ୍ତ ଜିଲ୍ଲାର ବାରିଗାଁ ଗ୍ରାମର ୮୦ଜଣ (ଅଶୀ) ଜଣ ମହିଳା ହସ୍ତଶିଳ୍ପ ପରିବାରଙ୍କୁ କରୋନା ସହାୟତା ପ୍ରଦାନ କରାଯାଇଛି ।

ବରିଷ୍ଠ ସାମ୍ବାଦିକ ଜୀମୂତ ମଙ୍ଗରାଜଙ୍କ ବିୟୋଗରେ ସଚିବାଳୟ ସାମ୍ବାଦିକ ସଂଘ ପକ୍ଷରୁ ଶୋକସଭା

ଭୁବନେଶ୍ୱର,୩୦/୬ (ନି.ପ୍ର): ବରିଷ୍ଠ ସାମ୍ବାଦିକ ତଥା ଓଡ଼ିଶା ସଚିବାଳୟ ସାମ୍ବାଦିକ ସଂଘର ପ୍ରତିଷ୍ଠାତା ସଭାପତି ଜୀମୂତ ବାହନ ମଙ୍ଗରାଜଙ୍କ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ବିୟୋଗ ରେ ଓଡ଼ିଶା ସଚିବାଳୟ ସାମ୍ବାଦିକ ସଂଘର ଉପସଭାପତି ହଳଧର ଧୀରଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । କଳା, ସଂସ୍କୃତି, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ଜୀମୂତ ମଙ୍ଗରାଜଙ୍କର ଅବଦାନ ଅତୁଳନୀୟ । ସେ ନିଜର ବାଗ୍ମିତା ଓ ଦକ୍ଷତାକୁ ସଠିକ୍ ଭାବେ ପ୍ରତିପାଦିତ କରିପାରିଥିଲେ । ସେ ଯୁବ ସାମ୍ବାଦିକମାନଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲେ । ସେ ଥିଲେ ନର୍ବିଘ୍ନ ସମାଲୋଚକ ସାମ୍ବାଦିକ ଓ ବାସ୍ତବବାଦୀ ଅନୁଭବି ଲେଖକ ଏବଂ ପ୍ରେରଣାଦାୟୀ ମଣିଷ । ତାଙ୍କର ଅବର୍ତ୍ତମାନରେ ସବୁବେଳେ ସେ ସ୍ମରଣୀୟ ରହିବେ ବୋଲି ସଚିବାଳୟ ସାମ୍ବାଦିକ ସଂଘର ବହୁ ସାମ୍ବାଦିକ ମତପ୍ରକାଶ କରିଥିଲେ । ଏହି ଶୋକସଭାରେ ବରିଷ୍ଠ ସାମ୍ବାଦିକ ରମେଶ ଚନ୍ଦ୍ର ସ୍ୱାଇଁ, ସଞ୍ଜୟ ପ୍ରଧାନ, ବିଜୟ ପରିଡ଼ା, ବଳରାମ ପ୍ରସାଦ ନନ୍ଦ, ଅବିନାଶ ମିଶ୍ର, ହରେକୃଷ୍ଣ ଚୌଧୁରୀ, ବିବେକାନନ୍ଦ ଜେନା, ପାର୍ଥସାରଥୀ ଜେନା, ମହେଶ୍ୱର ରଥ, ପ୍ରଦ୍ୟୁମ୍ନ ମହାନ୍ତି, ବିପିନ ସିଂହ, ବୈଷ୍ଣବ ଜେନା, ବିଜୟ କୁମାର ପଣ୍ଡା, ଉମେଶ ସାମନ୍ତରାୟ, ବିମଳ ଭଞ୍ଜଦେଓ, ବିରୁପାକ୍ଷ ତ୍ରିପାଠୀ, ରିନା ଗଡ଼ନାୟକ ପ୍ରମୁଖ ବହୁ ସାମ୍ବାଦିକ ଯୋଗଦେଇ ସ୍ୱର୍ଗତ ମଙ୍ଗରାଜଙ୍କର ସ୍ମୃତିଚାରଣ କରିବା ସଙ୍ଗେ ସଙ୍ଗେ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରିଥିଲେ ।

ମାଷ୍ଟର କ୍ୟାଂଟିନ ଘୋଡ଼ା ସ୍ଥାନାନ୍ତର ମାମଲାରେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡିଲେ ସୁର ରାଉତରାୟ

ଭୁବନେଶ୍ୱର,୩୦/୬ (ନି.ପ୍ର): ମାଷ୍ଟର କ୍ୟାଂଟିନ ଛକରୁ ଯୋଦ୍ଧା ଘୋଡ଼ା ସ୍ଥାନାନ୍ତର ନକରିବା ପାଇଁ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡିଛନ୍ତି ଜଟଣୀ ବିଧାୟକସୁରେଶ କୁମାର ରାଉତରାୟ । ଏପରି ନକରିବାକୁ ରାଜ୍ୟ ସରକାରଙ୍କୁ ଉପଦେଶ ଦେବାକୁ ରାଜଭବନ ଯାଇ ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ମାଷ୍ଟର କ୍ୟାଂଟିନର ଯୋଦ୍ଧା ଘୋଡ଼ା ଓଡ଼ିଆ ଜାତିର ଭାବାବେଗ ସହିତ ଜଡିତ । ଏହା ସ୍ୱର୍ଗତ ସୁପତି ରଘୁନାଥ ମହାପାତ୍ରଙ୍କ ଦ୍ୱାରା ନିର୍ମିତ । ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକ ଏଠାରେ ଏହାକୁ ସ୍ଥାପନ

କରିଥିଲେ । ଡ. ହରେକୃଷ୍ଣ ମହତାବଙ୍କୁ ଠାରୁ ବିଜୁ ପଟ୍ଟନାୟକ, ନନ୍ଦିନୀ ଶତପଥି, ସତ୍ୟପ୍ରିୟ ମହାନ୍ତି, ଚିନ୍ତାମଣି ପାଣିଗ୍ରାହୀ ପ୍ରଭୃତି ଓଡ଼ିଶାର ଦିବଗଂତ ଜନନାୟକ ମାନଙ୍କ ପ୍ରେରଣା ଓ ଉପଦେଶରେ ଏହି ମୂର୍ତ୍ତିକୁ ଏଠାରେ ସ୍ଥାନିତ କରାଯାଇଥିଲା । ରାଜମହଲ ଛକ ଭୁବନେଶ୍ୱରର କେନ୍ଦ୍ର ବିନ୍ଦୁ । ରେଳ ଷ୍ଟେସନ ଓ ସଚିବାଳୟର ମଧ୍ୟ ସ୍ଥଳୀରେ ଏହା ସ୍ଥାନିତ ହୋଇ ଓଡ଼ିଆ ଜାତିର ସ୍ୱର୍ଣ୍ଣିମ ଇତିହାସ, କୀର୍ତ୍ତିର ନିଦର୍ଶନ ହୋଇଛି । ଯଦି ସ୍ମାର୍ଟସିଟିର ବିକାଶ ଯୋଜନାରେ ମାଷ୍ଟର କ୍ୟାଂଟିନ ଛକର ଆଧୁନୀକିକରଣ କରାଯାଉଛି ତାହାର ଆମେ ପରିପନ୍ଥି ନୁହେଁ । ମାତ୍ର ଏହି ମୂର୍ତ୍ତିର ସ୍ଥାନାନ୍ତର ନକରିବା ପାଇଁ ରାଜ୍ୟପାଳ ହସ୍ତକ୍ଷେ କରିବା ପାଇଁ ଶ୍ରୀ ରାଉତରାୟ ନିବେଦନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ମନୋରଞ୍ଜନ ଦାଶ, ପ୍ରକାଶ ମିଶ୍ର, ଲିଙ୍ଗରାଜ ସାହୁ, ବୁନା ମହାନ୍ତି, ବିକ୍ରମ କେଶରୀ ସୁନ୍ଦରାୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

ଧାନ କିଣା ଓ ପକ୍କା ଘର ଯୋଗାଇବା ପ୍ରସଙ୍ଗରେ ପ୍ରତିବାଦ କରିବ ବିଜେପି : ସମୀର ମହାନ୍ତି

ଭୁବନେଶ୍ୱର,୩୦/୬ (ନି.ପ୍ର): ରାଜ୍ୟରେ ପଞ୍ଜୀକରଣ କରିଥିବା ସମସ୍ତ ଚାଷୀଙ୍କ ଧାନ କିଣିବା ଦାବିରେ ବିଜେପି ପକ୍ଷରୁ ଆସନ୍ତା ଜୁଲାଇ ୧ ଏବଂ ୨ ତାରିଖରେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ । ଚାଷୀଙ୍କ ସହ ବିଜେପି କାର୍ଯ୍ୟକର୍ତ୍ତାମାନେ ରାଜ୍ୟର ସମସ୍ତ ଧାନମଣ୍ଡି ଆଗରେ ଧାରଣା ଦେଇ ରାଜରାସ୍ତା ରୋକିବା ସହ ସ୍ଥାନୀୟ ସିଏସ୍ଓ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିବେ । ସେହିପରି ସମସ୍ତ ଯୋଗ୍ୟ ହତାଧିକାରୀଙ୍କୁ ପକ୍କା ଘର ଯୋଗାଇବା ଦାବିରେ ଆସନ୍ତା ଜୁଲାଇ ୭,୮,୯ ତାରିଖ ତିନି ଦିନ ଧରି ରାଜ୍ୟର ସମସ୍ତ ବ୍ଲକ ସାମ୍ନାରେ ବିଜେପି ତରଫରୁ ପ୍ରତିବାଦ କରାଯିବ । ମଙ୍ଗଳବାର ଦିନ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି ଯେ ସାରା ରାଜ୍ୟରେ ହଜାର ହଜାର ସଂଖ୍ୟାରେ ଚାଷୀଙ୍କ ପାଖରେ ଧାନ ବିକ୍ରି ନହୋଇପାରି ସ୍ଥାନୀୟ ମଣ୍ଡିଗୁଡିକରେ ପଡିରହିଛି । ସରକାରଙ୍କ ତରଫରୁ ଟୋକନ ବ୍ୟବସ୍ଥାରେ ଧାନ ବିକ୍ରି ପାଇଁ ଥିବା ବିଧି ବ୍ୟବସ୍ଥାରେ ପ୍ରାୟ ହଜାର ହଜାର ସଂଖ୍ୟାରେ ଚାଷୀଙ୍କ ଟୋକନ ଲ୍ୟାପସ୍ ହେବା କାରଣରୁ ସେମାନଙ୍କ ଧାନ ମଣ୍ଡିରେ ପଡିରହିଛି । ଏଥିପାଇଁ ଯେତେ ସଂଖ୍ୟାରେ ଚାଷୀ ପଞ୍ଜୀକରଣ କରିଥିଲେ ଟୋକନ ନଦେବା କାରଣରୁ ସେମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇ ଖୋଲା ବଜାରରେ କ୍ୱିଂଟାଲ ପିଛା ୯୦୦-୧୧୦୦ ଟଙ୍କାରେ ଧାନବିକ୍ରି କରିବାକୁ ବାଧ୍ୟ ହୋଇଛନ୍ତି । ଟୋକନ ପାଇଥିବା ଚାଷୀ ମଣ୍ଡିରେ ଧାନବିକ୍ରି କଲାବେଳେ ମିଲର୍ସମାନେ ମନଇଚ୍ଛା କ୍ୱିଂଟାଲ ପିଛା ୮/୧୦ କେଜି କଟନୀ ଛଟନୀ କରି ଚାଷୀଙ୍କୁ ଶୋଷଣ କରୁଛନ୍ତି । ଚଳିତ ରବି ଋତୁରେ ସରକାର ଟୋକନର ଅବଧି ମାତ୍ର ୧୨ ଦିନ କରିଦେଇଥିବାରୁ ଅନେକ ଚାଷୀଙ୍କ ଟୋକନ ଲ୍ୟାପସ ହୋଇଛି ।

ଅପରପକ୍ଷରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏକ ଫ୍ଲାଗସିପ୍ ପ୍ରୋଗ୍ରାମ । କିନ୍ତୁ ରାଜ୍ୟସରକାର ଏଠି ପାତର ଅନ୍ତର ନୀତି ଆପଣାଇ କେବଳ ଦଳୀୟ କର୍ମୀମାନଙ୍କୁ ପକ୍କା ଘର ଯୋଗାଇ ଚାଲିଛନ୍ତି । ଯୋଗ୍ୟ ହିତାଧିକାରୀମାନେ ଖଣ୍ଡେ ଘରେ ପାଇବାରୁ ବଂଚିତ ହେଉଛନ୍ତି । ସାରା ରାଜ୍ୟରେ ୧୦ ରୁ ୨୫ ହଜାର ଟଙ୍କାର ଲାଂଚ ନଦେଲେ ପକ୍କା ଘର ଖଣ୍ଡେ ମିଳିବା କଷ୍ଟକର ହୋଇପଡିଛି । ପକ୍କା ଘର ବଂଟନରେ ସ୍ୱଚ୍ଛତା ଅବଲମ୍ବନ କରାଯାଉ ନାହିଁ । କେନ୍ଦ୍ର ସରକାର ଚଳିତ ବର୍ଷ ପାଇଁ ୮ ଲକ୍ଷ ୧୭ ହଜାର ପକ୍କା ଘର ଯୋଗାଇବା ନେଇ ଅର୍ଥ ପ୍ରଦାନ କରିଛନ୍ତି । ଜଣେ ବି ଯୋଗ୍ୟ ହିତାଧିକାରୀ ପକ୍କା ଘର ପାଇବାରୁ ଯେପରି ବଂଚିତ ନରୁହେ ସେଦିଗରେ ରାଜ୍ୟ ସରକାର କାର୍ଯ୍ୟ କରିବାକୁ ଶ୍ରୀ ମହାନ୍ତି ପରାମର୍ଶ ଦେଇଛନ୍ତି । ପ୍ରତି ଗାଁରେ ପ୍ରଧାନମନ୍ତ୍ରୀ ସୌଭାଗ୍ୟ ଯୋଜନାରେ ବିଜୁଳି, ଉଜ୍ଜଳା ଯୋଜନାରେ ଗ୍ୟାସ ,ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ ଏବଂ ଆବାସ ଯୋଜନାରେ ପକ୍କା ଘର ଯୋଗାଇ ଦିଆଯାଉଛି । ପଂଚଦଶ ଅର୍ଥ କମିଶନରେ ପଂଚାୟତଗୁଡିକୁ ବ୍ୟାପକ ଅର୍ଥ ଆସୁଛି । କିନ୍ତୁ ଲୋକଙ୍କ ବିକାଶରେ ରାଜ୍ୟ ସରକାର ଏଠି ବାଧକ ସାଜିଛନ୍ତି । ୨୦୨୨ ସୁଦ୍ଧା ଓଡିଶାର ପ୍ରତ୍ୟେକ ଗରିବ ଲୋକ ପାଖରେ ପକ୍କା ଘର ନପହଂଚାଇ ପାରିଲେ ବିଜେଡି ସରକାର ହିଁ ଦାୟୀ ରହିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟ ସରକାର ଆବଂଟନ କରିଥିବା ରାଜ୍ୟର ୩୦ଟି ଜିଲ୍ଲାରୁ



୨୧ ଟି ଜିଲ୍ଲାକୁ ପକ୍କା ଘର ଆବଂଟନ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରାଯାଉ । ଯେଉଁମାନଙ୍କର ପକ୍କା ଘର ନାହିଁ ସେମାନେ ନିକଟସ୍ଥ ପଂଚାୟତ କିମ୍ବା ବ୍ଲକରେ ସେମାନଙ୍କର ଆବେଦନ ଦାଖଲ କରି ପାରିବେ । ଯେଉଁ ୯ ଟି ଜିଲ୍ଲାରେ ପକ୍କା ଘର ପାଇଁ କୌଣସି ଆଲର୍ଟମେଂଟ ହୋଇନାହିଁ ସେଠାରେ ଥିବା ଗରିବ ଲୋକ କାହିଁକି ନିଜ ଅଧିକାରରୁ ବଂଚିତ ରହିଲେ, ତାହା ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ ବୋଲି ସେ ଦାବି କରିଛନ୍ତି ।

ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ମନମୋହନ ସାମଲ, ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର, ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ ଏବଂ ରାଜ୍ୟ ମୁଖପାତ୍ର ବିରଂଚି ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

କେନ୍ଦ୍ର ସରକାରଙ୍କ ପ୍ୟାକେଜ ଘୋଷଣା ଏକ ପ୍ରହସନ: କଂଗ୍ରେସ

ଭୁବନେଶ୍ୱର,୩୦/୬ (ନି.ପ୍ର): କେନ୍ଦ୍ର ଅର୍ଥ ମନ୍ତ୍ରୀ ସୀତାରମଣ ୪ ଲକ୍ଷ ୨୯ ହଜାର କୋଟି ଟଙ୍କାର ଗୋଟିଏ ପ୍ୟାକେଜ ଘୋଷଣା କରିଛନ୍ତି । କରୋନା ମହାମାରୀ ସମୟରେ ବିଗିଡି ଯାଇଥିବା ଆର୍ଥିକ ବ୍ୟବସ୍ଥା ସଜାଡ଼ିବା ପାଇଁ ଏହା କରାଯାଇଛି ବୋଲି ସରକାର ଉଚ୍ଚସ୍ୱରରେ ଘୋଷଣା କରୁଛନ୍ତି । ଏହା ଅତ୍ୟନ୍ତ ଦୁଃଖଦାୟକ ଓ ହାସ୍ୟାସ୍ପଦ ବୋଲି କଂଗ୍ରେସର ବରିଷ୍ଠ ନେତା ପୂର୍ବତନ ମନ୍ତ୍ରୀ ଫଂଚାନନ କାନୁନଗୋ କହିଛନ୍ତି ।

ପ୍ରଥମତଃ ଏହା ପ୍ରମାଣ କରିଛି ଯେ କରୋନା ମହାମାରୀର ପ୍ରଥମ ପର୍ଯ୍ୟାୟରେ କେନ୍ଦ୍ର ସରକାର ଖୁବ୍ ବଡ଼ ପ୍ୟାକେଜ ପ୍ରାୟ କୋଡିଏ ଲକ୍ଷ କୋଟି ଟଙ୍କାର ଘୋଷଣା କଲେ । ଯେଉଁଥିରୁ ଦୁଇଲକ୍ଷ କୋଟି ଟଙ୍କା ଛାଡ଼ିଦେଲେ ଅନ୍ୟ ସମସ୍ତ ବ୍ୟାଙ୍କ ନିର୍ଭରଶୀଳ ଥିଲା । ବ୍ୟାଙ୍କ ଋଣ ଦେଲେ ନାହିଁ ଅବା କେହି ଋଣ ନେବାକୁ ଆଗ୍ରହ ପ୍ରକାଶ କଲେ ନାହିଁ । ସମସ୍ତ ଘୋଷଣା ଅସଫଳ ହେଲା । ଏହି ପ୍ୟାକେଜ କେବେ ହେଲେ ବି ବଜାରରେ ସ୍ଥିତି ବଦଳାଇବ ନାହିଁ । କ୍ରୟଶକ୍ତି ଅଭାବରୁ ବଜାରରେ ଆବଶ୍ୟକତ ର ବୃଦ୍ଧି ଘଟିବ ନାହିଁ । ଫଳରେ ଉତ୍ପାଦନ ବୃଦ୍ଧିର ଆବଶ୍ୟକତା ଓ ବାହାରକୁ ଯୋଗାଣ ବଢ଼ିବ କାହିଁକି ? ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀ କାନୁନଗୋ । ଖାଉଟି ମୁଖ୍ୟ ଅର୍ଥନୀତିରେ ଖାଉଟି କାରବାର ହିଁ ଦେଶର ସାମଗ୍ରିକ ଅଭିବୃଦ୍ଧିରେ ପାଖାପାଖି ୫୫ଏ ସହଯୋଗ ଦେଇଥାଏ । ପ୍ୟାକଜେର ମୁଖ୍ୟ ଅଂଶ ଚିକିତ୍ସା ଜନିତ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଏହା କେବଳ ସ୍ୱାସ୍ଥ୍ୟ ବେପାରୀଙ୍କୁ ସାହାଯ୍ୟ କରିବ ଓ ସାଧାରଣ ବର୍ଗଙ୍କ ଉଦ୍ଦିଷ୍ଟ ନୁହେଁ । ପର୍ଯ୍ୟଟନ କ୍ଷେତ୍ର ପାଇଁ କରାଯାଇଥିବା ବ୍ୟବସ୍ଥା ଏବେ ଆଦୌ କାମରେ ଲାଗିବ ନାହିଁ । ବର୍ତମାନ କରୋନା ମହାମାରୀର ଦ୍ୱିତୀୟ ପର୍ଯ୍ୟାୟ ଚାଲିଛି । ଆଉ ଏକ ପର୍ଯ୍ୟାୟ ଆସିବାର ପ୍ରଚାରିତ ହେଉଛି । ତୀର୍ଥଯାତ୍ରୀଙ୍କୁ ମନ୍ଦିର ମନା ସେହି ସମୟରେ ପର୍ଯ୍ୟଟନ କ୍ଷେତ୍ରପାଇଁ ବ୍ୟୟ ବରାଦ ତତ୍‌କ୍ଷଣାତ ଅର୍ଥନୀତିକୁ ସଜାଡ଼ିବାରେ ଆଦୌ ସହାୟକ ହେବ ନାହିଁ । ଅବଶ୍ୟ ଏହି କ୍ଷେତ୍ରରେ ବ୍ୟାଙ୍କମାନଙ୍କର କିଛି ଅର୍ଥ ବଜାର ଭିତରେ ପ୍ରବେଶ କରିବ । ଋଣଗ୍ରସ୍ତ ହୋଇ ସେମାନେ ଖର୍ଚ୍ଚ କରିବେ । ଅହଂକାର, ଅଜ୍ଞତାରୁ ମୁକ୍ତ ହୋଇ ବଜାରକୁ ଅର୍ଥ ଛାଡ଼ିବାର ସମସ୍ତ ବ୍ୟବସ୍ଥା କଲେ ବର୍ତମାନର ରୁଗଣ ଅର୍ଥନୀତିକୁ ସୁସ୍ଥ ଅବସ୍ଥାକୁ ଆଣି ହେବ । ଆଉ ରୁଗଣତାର ମୁକ୍ତି ଓ ସୁସ୍ଥ କଲାପରେ ହିଁ ବିକାଶ ପ୍ରତି ବ୍ୟବସ୍ଥା କରିହେବ ବୋଲି ଶ୍ରୀ କାନୁନଗୋ ମତ ରଖିଛନ୍ତି ।

ସଂକ୍ରମଣ ହାର ଅଧିକ ଥିବା ଜିଲ୍ଲାରେ କୋଭିଡ ନିୟମକୁ କଡାକଡି ଭାବରେ ପାଳନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର,୩୦/୬ (ନି.ପ୍ର): ଅଧିକ ସଂକ୍ରମଣ ହାର ଥିବା ଜିଲ୍ଲା ଉପରେ ଫୋକସ କରିବା ସହିତ କୋଭିଡ ନିୟମର କଡାକଡି ଅନୁପାଳନ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଛନ୍ତି । ମଙ୍ଗଳବାର ରାଜ୍ୟରେ କୋଭିଡ ସ୍ଥିତି ସଂପର୍କରେ ସମୀକ୍ଷା କରି ଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ ରାଜ୍ୟରେ ସଂକ୍ରମଣ ହାର ୫ ପ୍ରତିଶତ ଥିଲେ ମଧ୍ୟ ଅଳ୍ପ କେତେକ ଜିଲ୍ଲାରେ ଉଚ୍ଚ ସଂକ୍ରମଣ ହାରକୁ ଦୃଷ୍ଟିରେ ରଖି ସତର୍କତା ଅବଲମ୍ବନ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ଏହାସହିତ ଘରକୁ ଘର ବୁଲି ଚାଲିଥିବା ସର୍ଭେ କାର୍ଯ୍ୟକ୍ରମ ଦ୍ୱାରା କୋଭିଡ ତଥା ଅନ୍ୟନ୍ୟ ରୋଗୀ ମାନଙ୍କର ଚିହ୍ନଟ ଏବଂ ତୁରନ୍ତ ଚିକିତ୍ସା ବ୍ୟବସ୍ଥା କରାଯାଇପାରୁଥିବାରୁ ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରି ଏହାକୁ ଆହୁରି ଗୁରୁତର ସହ କାର୍ଯ୍ୟକାରୀ କରିବା ପାଇଁ ପ

ଲକ୍ଷ୍ୟ,କର୍ମ ଓ ସଫଳତା

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ପ୍ରତ୍ୟେକ ପିଲାଙ୍କ ପାଖରେ ବିଭୁ ଦତ୍ତ କଳା ଲୁଚି ରହିଛି ।ସେହି କଳାଗୁଡିକକୁ ଶିକ୍ଷକ ଆବିଷ୍କାର କରିବା ଉଚିତ । ଛାତ୍ର ଛାତ୍ରୀମାନଙ୍କ ପାଖରେ ନାଚ, ଗୀତ, ବକୃତା, ଅଭିନୟ, ଚିତ୍ରାଙ୍କନ ତଥା କସରତ ପ୍ରଭୃତିରେ ମଧ୍ୟ ଦକ୍ଷତା ଥାଏ। ତାହା ପିତା ମାତା ଜାଣିବା ସହ ଶିକ୍ଷକ ମଧ୍ୟ ଜାଣି ଥାନ୍ତି । ସୁତରାଂ ପିତା ମାତା ଶିକ୍ଷକଙ୍କ ମାର୍ଗଦର୍ଶନ ମାଧ୍ୟମରେ ମଧ୍ୟ ନିଜ ନିଜ ପିଲାଙ୍କର କ୍ୟାରିୟର ପ୍ରତି ସଜାଗ ରହିବା ବାଞ୍ଛନୀୟ । ପିଲାଙ୍କ କଳା ରୁଚିରେ କ୍ୟାରିୟର ଗଢ଼ିବାକୁ ଯତ୍ନଶୀଳ ହେଲେ ସଫଳତା ମିଳିଥାଏ । ଗୋଟିଏ ଛୋଟ ସହରରେ ବୀଣା ଓ ବିକାଶ ନାମକ ଦୁଇ ଅନାଥ ଭାଇଭଉଣୀ ବାସ କରୁଥିଲେ । ବୀଣାର ବୟସ ମାତ୍ର ପନ୍ଦର ବର୍ଷ ଓ ବିକାଶର ସାତ ବର୍ଷ । ଏତେ ବଡ଼ ଦୁନିଆରେ ତାଙ୍କର ନିଜର ବୋଲି କେହି ନ ଥିଲେ । ବୀଣା ନିଜ ଭାଇକୁ ପଢ଼ାଇବା ପାଇଁ ଗୋଟିଏ କମ୍ପ୍ୟୁଟର ଦୋକାନରେ କାମ କଲା । ଭାଇର କିଛି ବି ଅଭାବ ରଖୁ ନ ଥିଲା । ନିଜେ ଜଳି ଭାଇର ଭାଗ୍ୟକୁ ଚମକାଇ ସମାଜରେ ଜଣେ ସଚ୍ଚୋଟ ପ୍ରଶାସନିକ ଅଧିକାରୀ କରିବାକୁ ଲକ୍ଷ୍ୟ ରଖିଲା । ଆଉ ଏ ପଟେ ଭଉଣୀର ସ୍ୱପ୍ନ ଓ ନିଜର ଅଦମ୍ୟ ଉତ୍ସାହ ବଳରେ ସତକୁ ସତ ବିକାଶ ସବ କଲେକ୍ଟର ହେଲା । ଜଣେ ଅନାଥ ଶିଶୁ ଭାଗ୍ୟେ କେତେ ଯେ ଝଡ ଖଞ୍ଜା ଆସିଥିବ ତାର ହିସାବ ନାହିଁ ।ସେହି ଝଡକୁ ସାମ୍ନା କରି ନିଜ ଲକ୍ଷ୍ୟରେ ହଟି ନ ଥିଲେ ବୀଣା ଓ ବିକାଶ । ଭାଇକୁ ମଣିଷ କରିବାକୁ କମ୍ ବୟସରୁ କାମ କରି ଅର୍ଥ ରୋଜଗାର କରି ନିଜ ଲକ୍ଷ୍ୟକୁ ପୂରଣ କଲା । ଲକ୍ଷ୍ୟ ଓ କର୍ମ ବଳରେ ଏମାନଙ୍କୁ ସଫଳତା ମିଳିଲା ।କର୍ମ କଲେ ଯାଇ ମଣିଷ ନିଜ ଜୀବନର ଲକ୍ଷ୍ୟକୁ ହାସଲ କରେ । ଜଣେ ଝିଅ ଯଦି ଅଭିନେତ୍ରୀ ହେବାକୁ ଚାହେଁ ତେବେ ଛୋଟ ବେଳୁ ହିଁ ନାଚ, ସଂଳାପ ଉଚ୍ଚାରଣ ପ୍ରତି ଦୃଷ୍ଟି ଦେବାକୁ ହେଇଥାଏ ।କର୍ମ ଓ ପରିଶ୍ରମ ବଳରେ ସଫଳତା ଦୁଆର ମାଡେ । ପ୍ରକୃତରେ ଲକ୍ଷ୍ୟ, କର୍ମ ଅବଂ ସଫଳତା ପରସ୍ପର ପରିପୂରକ । ଲକ୍ଷ୍ୟ ବିନା ନିର୍ଦ୍ଦିଷ୍ଟ ସଫଳତା ପ୍ରାପ୍ତ ହୁଏ ନାହିଁ।ବିନା ପରିଶ୍ରମରେ ସଫଳତା ଆସେ ନାହିଁ ।ଏଣୁ ସଫଳତା ପାଇଁ ଲକ୍ଷ୍ୟ ଓ କର୍ମ ଆବଶ୍ୟକ ।

+ ଡ଼ାଲଗୁମା, କୋକସରା, କଳାହାଣ୍ଡି
ମୋ: ୯୩୩୭୬୨୪୮୯୯

ସମୁଦ୍ରକୂଳରୁ ଡଲଫିନର ମୃତ ଦେହ ଉଦ୍ଧାର

ପାରାଦୀପ,୩୦/୦୬ (ନି.ପ୍ର): ପାରଦୀପ ହନୁମାନ ମନ୍ଦିର ନିକଟସ୍ଥ ସମୁଦ୍ର କୂଳ ରୁ ଏକ ଡଲଫିନ୍ ର ମୃତ ଦେହ ପଡିଥିବା ଦେଖିବାକୁ ମିଳିଥିଲା । ଏହି ବିରଳ ପ୍ରଜାତି ର ଡଲଫିନ୍ ପଡିତିବା ଦେଖିବାକୁ ମିଳିଥିଲା । ଏହି ପ୍ରଜାତି ର ଡଲଫିନ୍ ଲମ୍ବ ପ୍ରୟ ସାଢେ ଚାରି ଫୁଟ୍ ହୋ ଏବଂ ଉଜନ ପ୍ରୟ ୨୦ ରୁ ୩୦ କିଲେ ହେବ । ଏହା ଭାରତୀୟ ସମୁଦ୍ର ରେ ଦେଖା ଯାଇନଥନ୍ତି । ବ୍ରାଜିଲ୍ ଉ ଫ୍ରାନ୍ସ ର ସମୁଦ୍ର ରେ ଏହା ଦେଖାଯାଇଥାନ୍ତି । ଏହା ବିରଳ ପ୍ରଜାତି ର ଲଙ୍ଗ ସ୍ନାଉଟେସ୍ ଷ୍ଟେନେଲା ଅଟେ । ଖବର ପାଇ କୁଜଙ୍ଗ ବନ ବିଭାଗ ର କର୍ମଚାରୀମାନେ ଘଟଣାସ୍ଥଳରେ ପହଂଚି ଏହି ଷ୍ଟେନେଲା ପ୍ରଜାତି ର ମୃତ ଦେହ କୁ ବ୍ୟବଚ୍ଛେଦ ନିମନ୍ତେ ନେଇଛନ୍ତି । ବ୍ୟବଚ୍ଛେଦ ପରେ ଡଲଫିନ୍ ର ମୃତ୍ୟୁ ର କାରଣ ଜଣାପଡିବ ବୋଲି ବନବିଭାଗ ର କର୍ମଚାରୀ କହିଛନ୍ତି ।

ବନ୍ଦର ମଜଦୂର ସଭାରେ ସାମିଲ୍ ହେଲେ ୫୦ଜଣ କର୍ମଚାରୀ

ପାରାଦୀପ,୩୦/୦୬ (ନି.ପ୍ର): ପାରାଦୀପ ର ଟାଟା କମ୍ପାନୀ ଅଧିନ ରେ ସିକ୍ୟୁରିଟି ଗାର୍ଡ ଯୋଗାଉଥିବା ଟାଇମ୍ସ ସିକ୍ୟୁରିଟି ସଂସ୍ଥା ରେ କାମ କରୁଥିବା ୫୦ ରୁ ଉର୍ଦ୍ଧ କର୍ମଚାରୀ ବୁଧବାର ଦିନ ଭାରତୀୟ ମଜଦୁର ସଭା(ବିଏମ୍ଏସ୍) ରେ ସାମିଲ ହୋଇଛନ୍ତି । ବୁଧବାର ଦିନ ସଂଧ୍ୟା ରେ ଆୟୋଜିତ ଏହି ମିଶ୍ରଣ ପର୍ବ ରେ ସିକ୍ୟୁରିଟି କର୍ମଚାରୀମାନେ ବିଏମ୍ଏସ୍ ର ସଭାପତି ଶ୍ରମିକ ନେତା ରାକେଶ ପଟ୍ଟନାୟକ ଙ୍କ ନେତୃତ୍ୱ ପ୍ରତି ଆକୃଷ୍ଟ ହୋଇ ଏହି ଶ୍ରମିକ ସଂଗଠନ ରେ ସାମିଲ ହୋଇଛନ୍ତି । ଏହି କର୍ମଚାରୀମାନେ ୧୫ରୁ ୨୦ ବର୍ଷଧରି କାମ କରିଆସୁଥିଲେ ବି କୌଣସି ସହାୟତା ପାଉନଥିବା କହିଛନ୍ତି । ଏହି କର୍ମଚାରୀମାନଙ୍କ ର ସମସୟା ସଂପର୍କ ରେ ଶ୍ରମିକ ସଂଗଠନ ର ସାଧାରଣ ସଂପାଦକ ଶ୍ରୀକାନ୍ତ ରାୟ ଅବଗତ କରିଥିଲେ । ଆଗାମି ଦିନ ରେ ଏହି ସିକ୍ୟୁରିଟି କର୍ମଚାରୀମାନଙ୍କର ସମସ୍ୟା ର ସମାଧାନ ସଂପର୍କ ରେ ପଦକ୍ଷେପମାନ ଖୁବ୍ ଶୀଘ୍ର ନିଆଯିବ ବୋଲି ସଭାପତି ଶ୍ରୀ ପଟ୍ଟନାୟକ କହିଛନ୍ତି ।

ଦ୍ୱନ୍ଦରେ ବାରିପଦାର ରଥ ନିର୍ମାଣ କାର୍ଯ୍ୟ
ନିର୍ମାଣ ଜାରି ରଖିବା ନିମନ୍ତେ ଦାବିପତ୍ର ପ୍ରଦାନ

ବାରିପଦା,୩୦/୦୬ (ନି.ପ୍ର): ରାଜ୍ୟ ସରକାରଙ୍କ ପକ୍ଷରୁ କେବଳ ପୁରୀ ରଥଯାତ୍ରା ବ୍ୟତୀତ ଅନ୍ୟ ସମସ୍ତ ସ୍ଥାନରେ ରଥ ଯାତ୍ରା ଉପରେ କଟକଣା ଜାରି କରାଯାଇଛି । ବିଶ୍ୱ ପ୍ରସିଦ୍ଧ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ରଥ ନିର୍ମାଣ କାର୍ଯ୍ୟ ଜାରି ରଖିବା ନିମନ୍ତେ ଶ୍ରୀ ଶ୍ରୀ ହରିବଳଦେବ ଜୀଉ ବିଜେ ମହାପ୍ରଭୁଙ୍କ ସେବାୟତ ଓ ରଥ କାରିଗର ମାନେ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କ କାର୍ଯ୍ୟାଳୟ ଆସି ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଦାବିପତ୍ର ଦେଇଛନ୍ତି । ସୂଚନାଯୋଗ୍ୟ ବାରିପଦା ଉପଜିଲ୍ଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ରଥ ନିର୍ମାଣ କାର୍ଯ୍ୟ ବନ୍ଦ ରଖିବାକୁ କୁହାଯାଇଥିଲା । ସେପଟେ ରଥ ଯାତ୍ରା କରିବା ପାଇଁ ମାନ୍ୟବର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ମୟୂରଭଞ୍ଜ ବାସୀ । ତେଣୁ ବାରିପଦାରେ ରଥ ନିର୍ମାଣ କାର୍ଯ୍ୟ ଚାଲୁ ରଖିବାକୁ ଅନୁମତି ଦାବି କରିଛନ୍ତି ସେବାୟତ ଓ ରଥ କାରିଗର ।

ବାସୁଳିଆ ଗାଁକୁ ବିଶୁଦ୍ଧିକରଣ

ଜଳେଶ୍ୱର,୩୦/୦୬ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ଗୋପିମୋହନପୁର ପଂଚାୟତର ବାସୁଳିଆ ଗାଁରେ ଭୋଗଖାଇ ବହୁଲୋକ ଝାଡାବାନ୍ତିରେ ଆକ୍ରାନ୍ତ ହେବାପରେ ବିଜେପି ପଂଚାୟତ ପ୍ରମୁଖ ବିଜୟ ଜେନାଙ୍କ ନେତୃତ୍ୱରେ ଗ୍ରାମର ବିଶୁଦ୍ଧିକରଣ କାର୍ଯ୍ୟକ୍ରମ କରାଯାଇଥିଲା । ଦଳର ସ୍ୱପ୍ନେଶ୍ୱର ମଣ୍ଡଳ ସଭାପତି ତପନ ବିଶ୍ୱାଳ, ନବ ଜେନା, ତନ୍ମୟ ଚନ୍ଦ, ଅଜୟ ଦାସ, ହିମାଂଶୁ ଜେନା, ପୂର୍ଣ୍ଣଚନ୍ଦ୍ର ଦେ, ପିତାମ୍ବର ହେମ୍ବ୍ରମ, ସୁନିଲ ହାଁସଦା ପ୍ରମୁଖ ବିଭିନ୍ନ ସ୍ଥାନରେ ବ୍ଲିଚିଂ ପକାଇବା ସହିତ ସଫେଇ କରିଥିଲେ ।

ଚିହ୍ନଟ ହେଲେ ୧୭୬ ଆକ୍ରାନ୍ତ, ୨ ମୃତ

ଭଦ୍ରକ,୩୦/୦୬ (ନି.ପ୍ର): ଆଜି ଜିଲ୍ଲାରୁ ଆଉ ୧୭୬ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୨ଜଣଙ୍କର ମୃତ୍ୟୁ ହୋଇଛି । ଫଳରେ ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୨୨ ହଜାର ୫୫୯ ହୋଇଥିବା ବେଳେ ସୁସ୍ଥଙ୍କ ସଂଖ୍ୟା ହୋଇଛି ୨୦ ହଜାର ୮୫୮ । ମୋଟ ୫୦ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୬୫୧ ଜଣ ସକ୍ରିୟ ଆକ୍ରାନ୍ତ ଜିଲ୍ଲାରେ ଅଛନ୍ତି। ଏହି ନୂତନ ଆକ୍ରାନ୍ତଙ୍କ ମଧ୍ୟରେ ଭଦ୍ରକ ପୌରପାଳିକାରେ ୭ଜଣ, ବନ୍ତ ବ୍ଲକରେ ୧୨ଜଣ, ବାସୁଦେବପୁର ବ୍ଲକରେ ୫ଜଣ, ଚାନ୍ଦବାଲି ଏନ୍ଏସିରେ ୨୧, ତିହିଡ଼ିରେ ୧୨, ଧାମନଗର ବ୍ଲକରେ ୧୮, ଭଣ୍ଡାରିପୋଖରୀ ବ୍ଲକରେ ୨୧, ଭଦ୍ରକ ବ୍ଲକରେ ୧୭, ଚାନ୍ଦବାଲି ବ୍ଲକରେ ୪୨ ଜଣ ଚିହ୍ନଟ ହୋଇଛନ୍ତି। ସେହିପରି ଅନ୍ୟ ଜିଲ୍ଲାରୁ ୬ ଜଣ ଭଦ୍ରକରେ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାର ୧୫ଜଣ ବାହାର ଜିଲ୍ଲାରେ ଚିହ୍ନଟ ହୋଇଛନ୍ତି।

ଭାଷା ବିକାଶ ତରଫରୁ 'କବିତା ପଠନ କବିତା ଗଠନ' କାର୍ଯ୍ୟକ୍ରମ

ବାଲେଶ୍ୱର,୩୦/୦୬ (ନି.ପ୍ର): କବିତା ରଚନା କରିବା କବିର ମୁଖ୍ୟ କାର୍ଯ୍ୟ ହୋଇଥିଲେ ମଧ୍ୟ ସେହି କବିତା ପାଠକର ହୃଦୟରେ ଆବେଗ ସୃଷ୍ଟିକରେ ଏବଂ ସେହି ଆବେଗରୁ ହିଁ କବି ପ୍ରେରଣା ପାଇଥାଏ। ଯେତେବେଳେ କବିତା ପାଠକ ହୃଦୟରେ ବଞ୍ଚେ ଓ ପାଠକର ହୃଦୟକୁ ଆହ୍ଲାଦିତ କରେ ସେତେବେଳେ ତାହା କାଳଜୟୀ ହୋଇଥାଏ। ସେହି କବିତା ଇନ୍ଦ୍ରିୟଗ୍ରାହ୍ୟ ଓ ଅନୁଭୂତିଯୁକ୍ତ ବୋଲି ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିବା 'କବିତା ପଠନ କବିତା ଗଠନ' କାର୍ଯ୍ୟକ୍ରମରେ ମୁଖ୍ୟ ଆଲୋଚକ ଉପେନ୍ଦ୍ରନାଥ ମହାବିଦ୍ୟାଳୟ ସୋରର ଓଡ଼ିଆ ବିଭାଗ ମୁଖ୍ୟ ଡ. ରବୀନ୍ଦ୍ର କୁମାର ବିହାରୀ ମତବ୍ୟକ୍ତ କରିଛନ୍ତି। ଅନୁଷ୍ଠାନର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ଚିତ୍ରାରାଣୀ ପାତ୍ରଙ୍କର 'ବିରହ ଝାଞ୍ଜି', ସୁଧାକର ସେଠୀଙ୍କର 'ତୁମେ ମୁଁ ଆଉ ବର୍ଷା', ସରିତା ମହାନ୍ତିଙ୍କର 'ତୁମେ ଗଲାପରେ' ଓ ବାସନ୍ତୀ କରଙ୍କର 'ଗାଁ ହସୁଚି' କବିତା ପାଠ କରାଯାଇ ଆଲୋଚନା କରାଯାଇଥିଲା। ଡ. ବିହାରୀ ଝରିଗୋଟି କବିତାର ବିସ୍ତୃତ ଆଲୋଚନା କରିଥିଲେ। ଏଥିସହିତ ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ତଥା ବିଶିଷ୍ଟ ପ୍ରାବନ୍ଧିକ ଡ. ଶିରୀଶ ଚନ୍ଦ୍ର ଜେନା କବିତାର ମୌଳିକତା ସମ୍ପର୍କରେ ଆଲୋଚନା କରିବା ସହିତ ଉପରୋକ୍ତ ଝରିଗୋଟି କବିତାର ବିସ୍ତୃତ ଆଲୋଚନା କରି ତାହା ପ୍ରେମ, ବିରହ ଓ ଅନ୍ତରଙ୍ଗ ସମ୍ପର୍କକୁ ଭିତ୍ତିକରି ଗଢ଼ିଉଠିଛି ବୋଲି ବକ୍ତବ୍ୟ ରଖିଥିଲେ। ସାହିତ୍ୟିକା ଅରୁଣା ରାୟ ମଧ୍ୟ କବିତା ସମ୍ପର୍କରେ ନିଜର ମତ ଉପସ୍ଥାପନ କରିଥିଲେ। ଅନୁଷ୍ଠାନର ଯୁଗ୍ମ ସଂପାଦକ ଦୀପକ ବୋଷ ଅତିଥିମାନଙ୍କ ସମ୍ପର୍କରେ ସୂଚନା ପ୍ରଦାନ ଓ ସାଧାରଣ ସଂପାଦକ ନିବାରଣ ଜେନା ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ସଙ୍ଗଠନ ସମ୍ପାଦକ ତପନ ରାୟ ଝରିଗୋଟି କବିତାକୁ ସଂଯୋଜନା କରିଥିଲେ ଓ ଯୁଗ୍ମ ସଂପାଦିକା ସୁବ୍ରତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଡ. ଗିରିବାଳା ମହାନ୍ତି, ଶରତ କୁମାର ମହାପାତ୍ର, କଲ୍ୟାଣୀ ନନ୍ଦ, ଜ୍ୟୋତ୍ସ୍ନା ରାୟ, ଆଦି ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

ବିଧାନସଭା ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର,୩୦/୦୬ (ନି.ପ୍ର): ଅବସର ଗ୍ରହଣ କରିଥିବା ଓଡ଼ିଶା ବିଧାନସଭାର ୩ ଜଣ ଅଧିକାରୀଙ୍କୁ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ୩ ଜଣ ବରିଷ୍ଠ ଅଧିକାରୀ ଡୁଙ୍ଗ୍ଡୁଙ୍ଗ୍ ମଙ୍ଗରାଜ, ଉପଶାସନ ସଚିବ, ପ୍ରଦୀପ କୁମାର ଦାସ, ବିଧାନସଭା ସଚିବଙ୍କ ବ୍ୟକ୍ତିଗତ ସହାୟକ ଏବଂ ଯତିନ୍ଦ୍ରନାଥ ସେନାପତି, ବରିଷ୍ଠ ଜେରକ୍ସ ଅପରେଟରଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଅର୍ପଣ କରି ସେମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ଏବଂ ସେମାନଙ୍କ ଦୀର୍ଘ ନିରାମୟ ଅବସରକାଳୀନ ଦୀର୍ଘଜୀବନ କାମନା କରିଥିଲେ । ଏହି ଅବସରରେ ବିଧାନସଭା ସଚିବ ଦାଶରଥୀ ଶତପଥୀଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ସମାଜସେବୀଙ୍କ ମୋବାଇଲ ଛଡାଇବା ନେଇ ଅଭିଯୋଗ

ଜଳେଶ୍ୱର,୩୦/୦୬ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ନାମ୍ପୋ ଗ୍ରାମର ଜଣେ କଂଗ୍ରେସ ଦଳର ନେତା ତଥା ସମାଜସେବୀ ଗୋପାଳକୃଷ୍ଣ ଜେନାଙ୍କ ମୋବାଇଲ ପୁଲିସ୍ ଛଡାଇ ତଥ୍ୟ ଡିଲିଟ୍ କରାଯାଇଥିବା ନେଇ ଏସ୍ଡିପିଓ ଅଂକିତା କୁମ୍ଭାରଙ୍କ ନିକଟରେ ଅଭିଯୋଗ ହୋଇଛି । ପଶ୍ଚିମବାର୍ଡ ଅଂଚଳର ନମକନା ଗାଁର ମହେଶ୍ୱର ମହାନ୍ତିଙ୍କ ଏକ ବିବାଦ ସମ୍ପର୍କରେ ଆଲୋଚନା ଲାଗି ଗୋପାଳକୃଷ୍ଣ ଆଇଆଇସିଙ୍କ ସହିତ କଥାହେବା ପାଇଁ ଥାନାକୁ ଯାଇଥିଲେ । ସେ ତାଙ୍କ ମୋବାଇଲ୍‌ରୁ ନାମ୍ପୋ ଏଏସ୍ଆଇଙ୍କ ସହିତ କଥା ହୋଇଥିଲେ । ଆବଶ୍ୟକ ହେବାରୁ ସେହି ମୋବାଇଲରେ ଆଇଆଇସି ମଧ୍ୟ ନାମ୍ପୋ ଫାଣ୍ଡି ସହିତ କଥା ହୋଇଥିଲେ । ମାତ୍ର ଉକ୍ତ କଥାବାର୍ତ୍ତାକୁ ମୋବାଇଲରେ ରେକର୍ଡିଂ କରାଯାଇଥିବା ସଂପର୍କରେ ପୁଲିସ୍ ଜାଣିବାକୁ ପାଇଥିଲା । ସେଠାରେ ଉପସ୍ଥିତଥିବା ଜଣେ ଏଏସ୍ଆଇ ତାଙ୍କ ନିକଟରୁ ମୋବାଇଲ ଛଡାଇ ନେଇ ତାଙ୍କର ତଥ୍ୟ ଡିଲିଟ୍ କରାଇ ଦେଇଥିବା ସଂପର୍କରେ ଗୋପାଳକୃଷ୍ଣ ଏସ୍ଡିପିଓଙ୍କ ସହିତ ଏସ୍.ପି, ଆଇ.ଜି, ଜିଲାପାଳ, ୫ଟି ସଚିବ ଓ ସାଂସଦ ପ୍ରତାପ ଷଡଙ୍ଗୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏ ସମ୍ପର୍କରେ ଆଇଆଇସିଙ୍କୁ ପଚାରିବାରୁ ସେ କହିଲେ ସୂଚନା ନ ଦେଇ ମୋବାଇଲ ରେକର୍ଡିଂ କରାଯାଇଥିବାରୁ ତାଙ୍କୁ ସେ ସବୁ ଡିଲିଟ୍ କରିଦେବାକୁ କହିବାପରେ ଗୋପାଳକୃଷ୍ଣ ନିଜେ ଡିଲିଟ୍ କରିଥିଲେ । ତାଙ୍କ ଠାରୁ ମୋବାଇଲ ଛଡାଯାଇନାହିଁ । ଏହାର ସତ୍ୟତା ସମ୍ପର୍କରେ ଅଫିସ୍ ମଧ୍ୟରେ ଲାଗିଥିବା ସିସି ଟିଭି ଫୁଟେଜ୍‌ରୁ ଜଣାପଡିବ ବୋଲି କହିଥିଲେ ।

ତହସିଲ ପକ୍ଷରୁ ପ୍ରଶିକ୍ଷଣ ଶିବିର

ଜଳେଶ୍ୱର ୩୦/୬ (ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ରାଇବଣିଆ ମଣ୍ଡଳରେ ଥିବା ହାତୀଗଡ ଉଚ୍ଚ ବିଦ୍ୟାଳୟରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ/ ଶିକ୍ଷିକା ମାନଙ୍କୁ ଜଳେଶ୍ୱର ତହସିଲ ପକ୍ଷରୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଦଶମ ଶ୍ରେଣୀର ଛାତ୍ରଛାତ୍ରୀମାନେ ପରୀକ୍ଷାରେ କୃତକାର୍ଯ୍ୟ ହେବାପରେ ଅଧିକ ଅଧ୍ୟୟନ କିମ୍ବା ଚାକିରୀ ଲାଗି ଆବଶ୍ୟକ ହେଉଥିବା ଜାତି, ଆୟ, ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ତହସିଲ ଅଫିସ୍‌ରୁ ସଂଗ୍ରହ କରିଥାନ୍ତି । ଏଥିଲାଗି ସମୟ ଓ ଅର୍ଥ ଖର୍ଚ୍ଚ କରିବାକୁ ପଡିଥାଏ । ଏପରିକି ତହସିଲ କାର୍ଯ୍ୟାଳୟରେ ଭିଡ ଲାଗି ରହୁଥିବାରୁ ତହସିଲ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥାଏ । ଏହାକୁ ଏଡାଇବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଏଣିକି ବିଦ୍ୟାଳୟ ପକ୍ଷରୁ ଏ ସମସ୍ତ ପ୍ରମାଣପତ୍ର ଯୋଗାଇ ଦିଆଯିବାର ପ୍ରୟାସ ଆରମ୍ଭ ହୋଇଛି । ଏହି ପ୍ରଶିକ୍ଷଣରେ ଆଜି ବୁଧବାର ତହସିଲଦାର ଶଂକର ପଟ୍ଟନାୟକ ଯୋଗ ଦେଇ ଶିକ୍ଷକ ମାନଙ୍କୁ ସୂଚନା ଦେଇଥିଲେ । ସୁପରଭାଇଜର ଶୁଭେନ୍ଦୁ ସାହୁ, ଓ କର୍ମଚାରୀ ରଜତ କାଣ୍ଡି ଯୋଗ ଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ରାଇବଣିଆ ଓଷ୍ଟା ସଂପାଦକ ବଂଶୀଧର ବାରିକ ସ୍ୱାଗତ କରିଥିବା ବେଳେ ହରମୋହନ ମହାନ୍ତି ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ପ୍ରଧାନ ଶିକ୍ଷକ ହିମାଂଶୁ ଘୋଷ ଓ ଦୀବାକର ହାଁସଦାଙ୍କ ସହିତ ଜତିନ୍ଦ୍ର ଭାଟ, ସୁବ୍ରତ ମହାନ୍ତି ଓ ରାମଚନ୍ଦ୍ର ପ୍ରଧାନ ପରିଚାଳନା କରିଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ଜୁଲାଇ ୧୬ ପର୍ଯ୍ୟନ୍ତ ବଢିଲା....

ବସ ପରିବହନ ଉପରେ କଟକଣା ଜାରି ରହିବ। ଏସବୁ ଜିଲ୍ଲାରେ ଚା ଓ ଉଠା ଦୋକାନ ଖୋଲିବାକୁ ଅନୁମତି ଦିଆଯାଇଛି । ତେବେ ମଲ, ବିଉଟି ପାର୍ଲର ବନ୍ଦ ରହିବ ବୋଲି ମୁଖ୍ୟ ଶାସନ ସଚିବ ସୂଚନା ଦେଇଛନ୍ତି। ରାଜ୍ୟରେ ପୂର୍ବଭଳି ଶିକ୍ଷାନୁଷ୍ଠାନ ଓ ଧର୍ମାନୁଷ୍ଠାନ ବନ୍ଦ ରହିବ। ଏଥିସହ ବିବାହ ଓ ଶୁଦ୍ଧିକ୍ରିୟା ପାଇଁ ପୂର୍ବଭଳି ନୀତି ନିୟମ ଲାଗୁ ରହିବ। ଲକ୍ ଡାଉନ୍ ସମୟରେ ଟୀକାକରଣ ଓ ଟେଷ୍ଟିଂ କାର୍ଯ୍ୟକ୍ରମ ଉପରେ କୌଣସି କଟକଣା ରହିବ ନାହିଁ ବୋଲି ମୁଖ୍ୟ ଶାସନ ସଚିବ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ବରଗଡ଼, ବଲାଙ୍ଗିର, ବୌଦ୍ଧ, ଦେବଗଡ଼, ଗଜପତି, ଗଂଜାମ, ଝାରସୁଗୁଡ଼ା, କନ୍ଧମାଳ, କଳାହାଣ୍ଡି, କୋରାପୁଟ, ମାଲକନାଗିରି, ନବରଙ୍ଗପୁର, ନୂଆପଡ଼ା, ରାୟଗଡ଼ା, ସମ୍ବଲପୁର, ସୁବର୍ଣ୍ଣପୁର ଏବଂ ସୁନ୍ଦରଗଡ଼ ଆଦି ଜିଲ୍ଲାମାନଙ୍କରେ ପୂର୍ବ ପର୍ଯ୍ୟାୟ ଲକଡାଉନ୍ ବେଳକୁ ସଂକ୍ରମଣ ହାର ୫ ଶତକଡ଼ାରୁ ତଳକୁ ଖସିଥିଲା। ଇତି ମଧ୍ୟରେ ଅନୁଗୁଳ, ଢେଙ୍କାନାଳ ଏବଂ କେନ୍ଦୁଝର ଆଦି ୩ ଟି ଜିଲ୍ଲାରେ କୋଭିଡ୍ ନିୟମର ସଠିକ୍ ଅନୁପାଳନ ଯୋଗୁ ସଂକ୍ରମଣ ହାର ୫ ଶତକଡ଼ା ତଳକୁ ଖସିଛି। କେଣ୍ଡୁ ଏସବୁ ଜିଲ୍ଲାକୁ ବର୍ଗ-କ(କାଟେଗୋରୀ-ଏ) ଅନ୍ତର୍ଭୁକ୍ତ କରାଯାଇଛି। ନୟାଗଡ଼, ପୁରୀ, କଟକ, ଖୋର୍ଦ୍ଧା, ଭଦ୍ରଖ, ବାଲେଶ୍ୱର, ମୟୁରଭଞ୍ଜ, କେନ୍ଦ୍ରାପଡ଼ା, ଜଗତସିଂପୁର ଓ ଯାଜପୁର ଆଦି ୧୦ଟି ଜିଲ୍ଲାକୁ ବର୍ଗ-ଖ ଅନ୍ତ

ବାଲେଶ୍ୱର ଗୁରୁବାର, ୦୧ ଜୁଲାଇ, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ଜିପିଏଲଏଫ ସଭାନେତ୍ରୀଙ୍କ ଅସହଯୋଗକୁ ନେଇ ଅସନ୍ତୋଷ

ବାଲେଶ୍ୱର,୩୦/୦୬ (ନି.ପ୍ର): ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସରକାରୀ ସହାୟତା ଯୋଗାଇବାରେ ଗ୍ରାମପଞ୍ଚାୟତ ସ୍ତରୀୟ ମହାସଂଘ 'ଜିପିଏଲଏଫ' ସଭାନେତ୍ରୀଙ୍କ ଅସହଯୋଗ ଜନିତ ବିବାଦ ଏବେ ପହଞ୍ଚିଛି ଥାନାରେ। ପୁଲିସ ସୂଚନା ଅନୁସାରେ ରେମୁଣା ବ୍ଲକ ଅନ୍ତର୍ଗତ ଭରମପୁରା ଗ୍ରାମ ପଞ୍ଚାୟତର ୨୯ ଗୋଟି ସ୍ୱୟଂ ସହାୟିକା ଗୋଷ୍ଠୀ (ଏସଏଚଜି)ଙ୍କୁ ନେଇ ଗଠିତ ହୋଇଛି ଜିପିଏଲଏଫ। ଏଥିରେ ଚିନ୍ମୟୀ ନାୟକ ସଭାନେତ୍ରୀ, ପ୍ରଭାତି ପଣ୍ଡା ସମ୍ପାଦିକା ଓ କୋଷାଧ୍ୟକ୍ଷା ଭାବେ ଅମ୍ରିତା ଆଚାର୍ଯ୍ୟଙ୍କୁ ୬ ମାସ ପୂର୍ବରୁ ଚୟନ କରାଯାଇଛି। ମହିଳା ସଶକ୍ତୀକରଣ ଭିତ୍ତିକ ବିଭିନ୍ନ ଯୋଜନା ବାବଦରେ ଏସଏଚଜିମାନଙ୍କୁ ଅବଗତ କରାଇବା ଓ ସ୍ୱାବଲମ୍ବୀ କାର୍ଯ୍ୟରେ ସେମାନଙ୍କୁ ସହଯୋଗ କରିବା ଦାୟିତ୍ୱ ଏହି ଜିପିଏଲଏଫ କର୍ମକର୍ତ୍ତାଙ୍କର। ମାତ୍ର ଗତ କିଛିଦିନ ଧରି କର୍ମକର୍ତ୍ତାମାନେ ଏସଏଚଜିମାନଙ୍କୁ ସହଯୋଗ ନ କରିବା ଯୋଗୁଁ ଅସନ୍ତୋଷ ବୃଦ୍ଧି ପାଇ ମହିଳାମାନେ ଶେଷରେ ସହଦେବଖୁଣ୍ଟା ଥାନାରେ ଆଶ୍ରୟ ନେଇଛନ୍ତି। ବୁଧବାର ସଂଧ୍ୟାରେ ଏକାଧିକ ଏସଏଚଜିଙ୍କ କର୍ମକର୍ତ୍ତା ଓ ସଦସ୍ୟାମାନେ ଥାନାରେ ପହଞ୍ଚି ଜିପିଏଲଏଫଙ୍କ ବେଆଇନ କାର୍ଯ୍ୟଧାରା ସମ୍ପର୍କରେ ଲିଖିତ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ ଗତ ୬ ମାସ ମଧ୍ୟରେ ହୋଇଥିବା ୪ ଗୋଟି ବୈଠକରେ ଜିପିଏଲଏଫର ସଭାନେତ୍ରୀ ଅନୁପସ୍ଥିତ ରହିବା ଫଳରେ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ରେମୁଣା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଅବଗତ କରିଥିଲେ। ଅଭିଯୋଗକୁ ଭିତ୍ତି କରି ରେମୁଣା ବିଡିଓଙ୍କ ନିର୍ଦ୍ଦେଶ କ୍ରମେ ଓଡ଼ିଶା ଜୀବିକା ମିଶନ (ଓଏଲଏମ) ଅଧିକାରୀ ସୋମବାର ତଦନ୍ତ ପାଇଁ ଆସିଥିଲେ। ମିଟିଂ ଚାଲିଥିବା ବେଳେ ନିଜର ସୁରକ୍ଷା ପାଇଁ ଜିପିଏଲଏଫର ସଭାନେତ୍ରୀ ପୁଲିସକୁ ଫୋନ କରିଥିଲେ। ତାଙ୍କୁ ଘରେ ଅଟକ ରଖାଯାଇଥିବା କହି ସେ ପୁଲିସକୁ ଡାକିଥିଲେ। ପୁଲିସ ବୈଠକ ସ୍ଥଳରେ ପହଞ୍ଚି ତାଙ୍କୁ ଥାନାକୁ ନେଇ ଆସିଥିଲେ। ତେବେ ଏହି ଘଟଣାକୁ ନେଇ ଓଏଲଏମ ଓ ଜିପିଏଲଏଫର ଅନ୍ୟାନ୍ୟ କର୍ମକର୍ତ୍ତାମାନେ ସଂଧ୍ୟାରେ ସହଦେବଖୁଣ୍ଟା ଥାନାରେ ପହଞ୍ଚି ଏକ ଲିଖିତ ଅଭିଯୋଗ କରିଛନ୍ତି।

କୋଷ୍ଟାଲ ସିପିଙ୍ଗ୍ ସର୍ଭିସ ଗ୍ରୀନ୍ କରିଡର-୨ର ପ୍ରଥମ ଯାତ୍ରା ଉଦ୍‌ଘାଟନ

ପାରାଦୀପ,୩୦/୦୬ (ନି.ପ୍ର): କେନ୍ଦ୍ର ବନ୍ଦର, ପରିବହନ ଏବଂ ଜଳପଥ ମନ୍ତ୍ରଣାଳୟ ଉପକୂଳ ବାଣିଜ୍ୟକୁ ପ୍ରୋତ୍ସାହିତ କରିବା ତଥା ସ୍ଥାୟୀ, ବ୍ୟୟବହୁଳ ଏବଂ ଦକ୍ଷ ଇଣ୍ଟାରମୋଡାଲ ଏବଂ ମଲ୍ଟିମୋଡାଲ ଗ୍ରାହକ ସମାଧାନ ଯୋଗାଇବା ପାଇଁ ପ୍ରମୁଖ ବନ୍ଦର ଏବଂ ଅଣ ପ୍ରମୁଖ ବନ୍ଦର ମଧ୍ୟରେ ଅଧିକ ସମନ୍ୱୟ ସୃଷ୍ଟି କରିବାକୁ ଅଧିକ ପ୍ରାଧାନ୍ୟ ଦେଇଛି । ଏହି ଦିଗରେ ଏକ ପଦକ୍ଷେପ ଭାବରେ ବନ୍ଦର, ପରିବହନ ଏବଂ ଜଳପଥ ମନ୍ତ୍ରଣାଳୟ କେନ୍ଦ୍ରମନ୍ତ୍ରୀ(ସ୍ୱାଧିନ) ମନସୁଖ ମାଣ୍ଡଭ୍ୟା ଆଜି ତଟବର୍ତ୍ତୀ ସିପିଙ୍ଗ୍ ସେବା "ଗ୍ରୀନ୍ କରିଡର-୨"ର ପ୍ରଥମ ଯାତ୍ରା ପାଇଁ ଲୋଡିଂ ଅପରେସନ୍ ର ଉଦ୍‌ଘାଟନ କରିଛନ୍ତି । ଏହା କୋଚିନ୍ ବନ୍ଦରରୁ ବେପୋର ଓ ଆଝିଖୋଲ ବନ୍ଦରକୁ ଯାତ୍ରା କରିବ । ଏହି ପରିବହନରେ ଗୁଜୁରାଟରୁ ଆସିଥିବା ଚାଉଳ, ଅଟା, ଲୁଣ, ନିର୍ମାଣ ସାମଗ୍ରୀ, ସିମେଣ୍ଟ ଇତ୍ୟାଦି କେଚିନ ବନ୍ଦରରେ ଖଲାସ କରି ସେଠାରୁ ପ୍ଲାଏଉଡ୍, ଜୋତା, ବସ୍ତ୍ର, କଫି ଇତ୍ୟାଦି ବୋଝେଇ ହୋଇ ପତ୍ୟାବର୍ତ୍ତନ କରିବ । ସେହିପରି ପରବର୍ତ୍ତୀ ସମୟରେ କାଜୁବାଦାମ କଣ୍ଟେନର କୋଚିନ୍‌ରୁ କୋଲାମକୁ ପରିବହନ କରାଯିବ । ଏହି ସେବା କୋଚି-ବିପୋର-ଅଜିକଲକୁ ସଂଯୋଗ କରିବ ବୋଲି କେନ୍ଦ୍ର ମନ୍ତ୍ରଣାଳୟ ଦ୍ୱାରା ସୂଚନା ମିଳିଥିବା ପାରାଦୀପ ବନ୍ଦର ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରୁ ପ୍ରକାଶ ।

ସଦର ବିଜେପି ପକ୍ଷରୁ ସେଲୁନ କାରିଗରଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ

ବାଲେଶ୍ୱର,୩୦/୦୬ (ନି.ପ୍ର): ମହାନ ଜନନାୟକ ସ୍ୱର୍ଗତ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ବିଜେପି ପକ୍ଷରୁ ଚାଲିଛି ସପ୍ତାହବ୍ୟାପୀ 'ସେବା ହିଁ ସଂଗଠନ' ଭିତ୍ତିକ ସେବାକାର୍ଯ୍ୟ। ଏହି ପରିପ୍ରେକ୍ଷୀରେ ସହରର ଜେଲରୋଡ଼ସ୍ଥିତ ସଦର କାର୍ଯ୍ୟାଳୟରେ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ ସଭାପତି ତଥା ସଦର ନିର୍ବାଚନ ମଣ୍ଡଳୀର ନେତା ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ବିଜେପି ପକ୍ଷରୁ ସେଲୁନ କାରିଗର (ବାରିକ)ଙ୍କୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ବିତରଣ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡା ଓ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଆହ୍ୱାନ କ୍ରମେ ଓଡିଶାରେ 'ସେବା ହିଁ ସଂଗଠନ' କାର୍ଯ୍ୟକ୍ରମ ଏବେ ଜାରି ରହିଥିବା ଶ୍ରୀ ଦତ୍ତ ସୂଚନା ଦେଇଛନ୍ତି। ମହମାରୀ କରୋନା ସମୟରେ ବିଜେପିର ପ୍ରତ୍ୟେକ କାର୍ଯ୍ୟକର୍ତ୍ତା ଲୋକଙ୍କ ସାଥିରେ ରହିଛନ୍ତି। କୋଭିଡ ମହମାରୀ ବିରୋଧି ଲଢେଇରେ ସମାଜସେବା ପାଇଁ ସମର୍ପିତ କାର୍ଯ୍ୟକର୍ତ୍ତାଙ୍କ ପାଇଁ ଏହା ପ୍ରେରଣା। କୋଭିଡ ମହାମାରୀ, ପରବର୍ତ୍ତୀ ଲକଡାଉନ ଏବଂ ବାତ୍ୟା ପରେ ବାରିକ ସମାଜର ଭାଇମାନଙ୍କ ଜୀବନ ଜୀବିକା ବିଶେଷ ଭାବେ ପ୍ରଭାବିତ ହୋଇଛି। ସେମାନଙ୍କର ଜୀବନ ଜୀବିକାର ଦୟନୀୟ ସ୍ଥିତିକୁ ଦୃଷ୍ଟିରେ ରଖି ବିଜେପି ପକ୍ଷରୁ ସହରରେ ବସବାସ କରୁଥିବା ବାରିକ ଭାଇମାନଙ୍କୁ କିଛି କିଛି ସାହାର୍ଯ୍ୟ ଓ ସହଯୋଗ ପ୍ରଦାନ କରାଯାଇଛି। ଏହି ଅବସରରେ ସହରର ୧୫୦ ରୁ ଊର୍ଦ୍ଧ୍ୱ ବାରିକ ପରିବାରକୁ ରାସନ ସାମଗ୍ରୀ ବିତରଣ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ରବିନାରାୟଣ ମହାପାତ୍ର, ସୀତାକାନ୍ତ ସ୍ୱାଇଁ, ପର୍ଶୁରାମ ବେହେରା, ଗଙ୍ଗାଧର ରାଉତ, ଗୌରାଙ୍ଗ ଦାସ, ସୁଜିତ ଦେବ, ଉପେନ୍ଦ୍ର ଶତପଥୀ, ସତ୍ୟଜିତ ମିଶ୍ର, ବିଜୟ ପାଣିଗ୍ରାହୀ, ଶ୍ରୀୟା ଦାସ, ସସ୍ମିତା ଶୁକ୍ଳ, ସ୍ୱର୍ଣ୍ଣପ୍ରିୟା ନାଥ, ମଧୁଶ୍ରୀ ମିଶ୍ର ପ୍ରମୁଖ ଉପସ୍ଥିତ ସାମଗ୍ରୀ ବଣ୍ଟନରେ ସକ୍ରିୟ ସହଯୋଗ କରିଥିଲେ।

ପରିବର୍ତ୍ତିତ ମାର୍ଗରେ ଚାଲିବ ୨ ଯୋଡା ଟ୍ରେନ୍

ଭୁବନେଶ୍ୱର,୩୦/୦୬ (ନି.ପ୍ର): ବଲବ ୧ ଏବଂ ବଲବ ୨ ଲାଇନକୁ ସଂଯୋଗ କରୁଥିବା ନୂତନ ବଲବ ଲାଇନର କାର୍ଯ୍ୟକ୍ଷମ ପାଇଁ ନିରାପତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟକୁ ଦୃଷ୍ଟିରେ ରଖି ଜୁଲାଇ ମାସ ୮ ତାରିଖ ଦିନ ବିଶାଖାପାଟନମରୁ ଛାଡିବାକୁ ଥିବା ୦୮୫୦୮ ବିଶାଖାପାଟନମ୍-ସାଇନାଗର ସିରିଡ଼ି ବିଶେଷ ଟ୍ରେନ ଖମ୍ମଓମ, ୱାରାଙ୍ଗଲ, କାଜିପେଟ ପରିବର୍ତ୍ତେ ବିଜୟୱାଡା-ଗୁଂଟୁର-ନାଦିକୋଡେ-ପିଜିଡିପି ମାର୍ଗରେ ଚଳାଚଳ କରିବ । ୦୮୬୬୪୫/୦୮୬୪୬ ହାଓଡ଼ା-ହାଇଦ୍ରାବାଦ-ହାଓଡ଼ା ଇଷ୍ଟ କୋଷ୍ଟ ବିଶେଷ ଟ୍ରେନ ହାଓଡ଼ା ଠାରୁ ଜୁଲାଇ ମାସ ୪ ରୁ ୭ ତାରିଖ ପର୍ଯ୍ୟନ୍ତ ଏବଂ ହାଇଦ୍ରାବାଦରୁ ଜୁଲାଇ ମାସ ୫ ରୁ ୮ ତାରିଖ ପର୍ଯ୍ୟନ୍ତ ଖମ୍ମଓମ-ମେହବୁବାବାଦ-ୱାରଙ୍ଗଲ-କାଜିପେଟ-ଜନଗାଓଁ-ଆଲେର-ଭୋଙ୍ଗିର ମାର୍ଗ ପରିବର୍ତ୍ତେ ବିଜୟୱାଡା-ଗୁଂଟୁର-ନାଦିକୋଡେ-ପିଜିଡିପି ମାର୍ଗରେ ଚଳାଚଳ କରିବ ।

ପାରାଦୀପ ଆସୁଥିବା ଖବରକାଗଜ ପରିବହନ ଯାନ ଦୁର୍ଘଟଣାଗ୍ରସ୍ତ

ପାରାଦୀପ,୩୦/୦୬ (ନି.ପ୍ର): ପ୍ରତ୍ୟେକ ଦିନ ଭୁବନେଶ୍ୱର, କଟକ ଓ ପାଣିକୋଇଲରୁ ପ୍ରକାଶିତ ହେଉଥିବା ଦୈନିକ ସମ୍ବାଦପତ୍ର ଗୁଡିକ ଓଆର-୦୪-ଏମ୍- ୯୬୪୧ ନମ୍ବର ବିଶିଷ୍ଟ ବୋଲେରୋ ଗାଡିରେ ଆଜି ପାରାଦୀପ ସହରକୁ ଆସୁଥିବା ବେଳେ ସଅଁରା ନିକଟରେ ଦୂର୍ଘଟଣା ଗ୍ରସ୍ତ ହୋଇଥିଲା । ଏହି ଗାଡି ପ୍ରତ୍ୟେକ ଦିନ ସକାଳ ପ୍ରାୟ ୫ଟା ସୁଦ୍ଧା ପହଁଚି ଥାଏ, ପାରାଦୀପର ଖବରକାଗଜ ବିତରକ ମାନେ ଗାଡିରୁ ସମ୍ବାଦପତ୍ର ସଂଗ୍ରହ କରି ବିଭିନ୍ନ ଅଫିସ, ଦୋକାନ ସମେତ ଲୋକମାନଙ୍କ ଘରେ ପହଁଚାଇଥାନ୍ତି । ଆଜି ଖବରକାଗଜ ଆସିବା ବିଳମ୍ବ ହେବାରୁ ଗାଡି ଚାଳକଙ୍କୁ ପଚାରିବାରୁ ଦୂର୍ଘଟଣା ସଂପର୍କରେ ଜଣାପଡିଲା । ପରେ ଅନ୍ୟ ଏକ ଗାଡିରେ ଗାଡିର ମାଲିକ

ପାରାଦୀପକୁ ଖବରକାଗଜ ପଠାଇ ଥିଲେ । ମଙ୍ଗଳବାର ଦିନର ଏହି ଦୂର୍ଘଟଣା ପାଇଁ ପାରାଦୀପବାସୀ ବିଳମ୍ବରେ ଖବରକାଗଜ ପାଇଥିଲେ । ଏହି ଦୂର୍ଘଟଣାରେ ଗାଡି ଚାଳକ ଅଳ୍ପକେ ବର୍ତ୍ତୀ ଯାଇଥିବା ଖବର ମିଳିଛି ।

ଉପେନ୍ଦ୍ର ପାହାଡ଼ସିଂହଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର,୩୦/୦୬(ନି.ପ୍ର): ଆକାଶବାଣୀର ପ୍ରଖ୍ୟାତ ଉଦଘୋଷକ ଉପେନ୍ଦ୍ର କୁମାର ପାହାଡ଼ସିଂହଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକଟ କରିଛନ୍ତି । ବେତାର ସମ୍ବାଦ ପରିବେଷଣ କ୍ଷେତ୍ରରେ ନିଜ ସ୍ୱତନ୍ତ୍ର ଶୈଳୀ ପାଇଁ ସେ ସର୍ବଦା ସ୍ମରଣୀୟ ରହିବେ ବୋଲି ମୁଖ୍ୟମନ୍ତ୍ରୀ ଟ୍ୱିଟ୍ କରି ପ୍ରକାଶ କରିଛନ୍ତି । ନିଜ ଟ୍ୱିଟରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଆକାଶବାଣୀର ଲୋକପ୍ରିୟ ସମ୍ବାଦ ପାଠକ ଉପେନ୍ଦ୍ର କୁମାର ପାହାଡ଼ସିଂହଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ବେତାର ସମ୍ବାଦ ପରିବେଷଣ କ୍ଷେତ୍ରରେ ନିଜ ସ୍ୱତନ୍ତ୍ର ଶୈଳୀ ପାଇଁ ସେ ସର୍ବଦା ସ୍ମରଣୀୟ ରହିବେ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଉଛି। ଉଲ୍ଲେଖ୍ୟଯୋଗ୍ୟ ଯେ ଗତକାଲି ନୂଆଦିଲ୍ଲୀଠାରେ ଉପେନ୍ଦ୍ର ପାହାଡସିଂଙ୍କ ୮୪ ବର୍ଷ ବୟସରେ ହୃଦଘାତରେ ଦେହାନ୍ତ ହୋଇଥିଲା।

ଆଜି ବନମହୋତ୍ସବ ଦିବସ : ବଣ ପାଇଁ ପଣ

ଭୁବନେଶ୍ୱର,୩୦/୦୬ (ନି.ପ୍ର): ଜୁଲାଇ ୧ରୁ ଦେଶ ପାଳନ କରିବ ବନମହୋତ୍ସବ ସପ୍ତାହ। ଦେଶରେ ଜଙ୍ଗଲ କ୍ଷୟ ଜନିତ ସମସ୍ୟା ସମ୍ପର୍କରେ ଆମେ ଅବଗତ। ବିଗତ ୩୦ ବର୍ଷ ମଧ୍ୟରେ ଆମେ ଅନେକ ଜଙ୍ଗଲ ହରାଇ ସାରିଛୁ। ଏହା କେବଳ ଆମ ବନ୍ୟଜନ୍ତୁ ମାନଙ୍କ ଘର ଉଜାଡ଼ିନି ବରଂ ବନବାସୀଙ୍କ ଜୀବିକା ଓ ଅର୍ଥନୀତି ସହିତ ଦୁନିଆର ଜଳବାୟୁ ପରିବର୍ତ୍ତନ ଜନିତ ବଡ଼ ସମସ୍ୟା ସୃଷ୍ଟି କରିଛି। ଏ ସମସ୍ୟାର ସମାଧାନ ପାଇଁ ଗାଁରୁ ବିଶ୍ୱସ୍ତର ଯାଏ ବ୍ୟାପକ ସଚେତନତା ଓ ବନୀକରଣ କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ବେଳେ ଭୁବନେଶ୍ୱରର ଜଣାଶୁଣା ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ବିହନ ପିଣ୍ଡୁଳା ଅର୍ଥାତ୍ ସିଡ୍‌ସ୍‌ବଲ୍‌କୁ ସଜାଇ 'ବଣ ପାଇଁ ପଣ' ଲେଖି ସହରବାସୀଙ୍କ ମନରେ ବୃକ୍ଷରୋପଣ ମହାମନ୍ତ୍ରର ସଂକଳ୍ପକୁ ଉଜାଗର କରିଛନ୍ତି। ବିଭିନ୍ନ ଗଛର ପତ୍ର, ଫୁଲ ଏବଂ ଜୀବଜନ୍ତୁଙ୍କୁ ଏଥିରେ ସ୍ଥାନିତ କରି ଜଙ୍ଗଲ ସୁରକ୍ଷା ପାଇଁ ଜନସାଧାରଣଙ୍କୁ ସଚେତନତା ଉଦ୍ଦେଶ୍ୟରେ ଏକ ନିଆରା ବାର୍ତ୍ତା ଦେବା ପାଇଁ ସେ ପ୍ରୟାସ କରିଛନ୍ତି।

ନୂତନ ଥାନା ଅଧିକାରୀଙ୍କୁ ଗଣମାଧ୍ୟମ ପ୍ରତିନିଧିଙ୍କ ସ୍ୱାଗତ

ପାରାଦୀପ,୩୦/୦୬ (ନି.ପ୍ର): ଗତ ୨୭ ତାରିଖ ଦିନ ପାରାଦୀପ ଆଦର୍ଶ ଥାନାର ନୂତନ ଥାନା ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ରଜନିକାନ୍ତ ମିଶ୍ର। ନବନିଯୁକ୍ତ ଥାନା ଅଧିକାରୀଙ୍କୁ ବିଭିନ୍ନ ବ୍ୟକ୍ତିବିଶେଷ ଓ ବୁଦ୍ଧିଯିବୀ ମହଲରୁ ସ୍ୱାଗତ କରାଯାଇଛି। ଏହି ଅବସରରେ ପାରାଦୀପ ପ୍ରେସ୍ ମିଡିଆ ଏବଂ ଓଡିଶା ସାମ୍ବାଦିକ ସଂଘ ପକ୍ଷରୁ ମଧ୍ୟ ସୌଜନ୍ୟ ମୁଳକ ସାକ୍ଷାତ କରାଯିବାସହ ସ୍ୱାଗତ କରାଯାଇଥିଲା। ସଂଘର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ଚିତ ରଂଜନ ସ୍ୱାଇଁ ଓ ଉପଦେଷ୍ଟା ସୁଧିର ରଂଜନ ଦାଶଙ୍କ ଆହ୍ୱାନକ୍ରମେ ଓଡିଶା ସାମ୍ବାଦିକ ସଂଘର ପାରାଦୀପ ସଭାପତି କର୍ମେଶ୍ୱର ସ୍ୱାଇଁ, ପାରାଦୀପ ପ୍ରେସ୍ ମିଡିଆ ସଭାପତି ବସନ୍ତ କୁମାର ସାହୁ, କାର୍ଯ୍ୟକାରୀ

ସଭାପତି ମହେନ୍ଦ୍ର ପରିଡା, ଉପସଭାପତି ଅରୁଣ କୁମାର ଓଝା, ସଂପାଦକ ବଟକୃଷ୍ଣ ଦାସ, ସହସଂପାଦକ ମନୋଜ କୁମାର ଦାସ, କୋଷାଧ୍ୟକ୍ଷ ସୁରେନ୍ଦ୍ର କୁମାର ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ ଅମିୟ କୁମାର ଦାସ, ରାକେଶ ପଟ୍ଟନାୟକ, ଅଜିତ୍ କୁମାର ଦାସ, ରଶ୍ମିରଂଜନ ରାଉତରାୟ, ସୁଭ୍ରାଂଶୁ ପୃଷ୍ଟି, ଜଗଦାନନ୍ଦ ସାହୁ, ଦିପକ କୁମାର ବାରିକ, ଜ୍ଞାନରଂଜନ ଆଚାର୍ଯ୍ୟ, ସିଦ୍ଧେଶ୍ୱର ସ୍ୱାଇଁ, ବିରଜା ପ୍ରସାଦ ସେଠୀ, ପ୍ରଶାନ୍ତ କୁମାର ଦାସ ଓ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧୀ ମାନେ ଶ୍ରୀ ସେଠୀଙ୍କୁ ଫୁଲତୋଡା ପ୍ରଦାନ କରିବାସହ କୋବିଡ୍ କଟକଣାମାନି ସ୍ୱାଗତ୍ ଜଣାଇଥିଲେ। ତେବେ ପାରାଦୀପ ଭଳି ଏକ ବନ୍ଦର ସହରରେ ଆଇନ୍‌ଶୃଙ୍ଖଳା ପରିସ୍ଥିତିରେ ଦୃଢତା ଆଣିବା ପାଇଁ ଗଣମାଧ୍ୟମ ପ୍ରତିନିଧୀଙ୍କ ସହଯୋଗର ଆବଶ୍ୟକତା ରହିଛି ବୋଲି ଶ୍ରୀ ମିଶ୍ର ସାମ୍ବାଦିକ ମାନଙ୍କୁ କହିଛନ୍ତି। ଶ୍ରୀ ମିଶ୍ର ଜଗତସିଂହପୁର ଥାନାଧିକାରୀ ଭାବେ ସାଢେ ୪ବର୍ଷ କାର୍ଯ୍ୟଭାର ତୁଲାଇବା ପରେ ଗତ ରବିବାର ଦିନ ପାରାଦୀପ ଆଦର୍ଶ ନୂତନ ଥାନାଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି।

ନିମୋନିଆ ପ୍ରତିଷେଧକ ଟିକା (ପିସିଭି) ନିୟମିତ ଟିକାକରଣରେ ସାମିଲ

ଭଦ୍ରକ ଜିଲ୍ଲାରେ ସାମିଲ ହେବେ ୨୩ ହଜାର ୯୮୪ ଶିଶୁ

ଭଦ୍ରକ,୩୦/୦୬ (ନି.ପ୍ର): ରାଜ୍ୟ ସରକାର ନିମୋନିଆ ପ୍ରତିଷେଧକ ଟୀକାକରଣ କାର୍ଯ୍ୟକ୍ରମ ସରକାର ନିୟମିତ ଟୀକାକରଣରେ ସାମିଲ କରିଛନ୍ତି। ଆଜି ପ୍ରଥମଥର ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ ଭର୍ଚୁଆଲ ମୋଡ୍‌ରେ ଏହାର ଶୁଭାରମ୍ଭ କରିଛନ୍ତି। ଏହି ଟୀକାକରଣରେ ପ୍ରତି ଶିଶୁଙ୍କୁ ୩ଟି ଡୋଜ୍ ଟୀକା ପ୍ରଦାନ କରାଯିବ। ଭଦ୍ରକ ଜିଲ୍ଲାରେ ମୋଟ ୨୩ ହଜାର ୯୮୪ ଶିଶୁ ଟିକାକରଣ କାର୍ଯ୍ୟରେ ସାମିଲ ହେବେ ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଆଜି ଭଦ୍ରକ କୁଆଁସ ସ୍ଥିତ ମାତୃ ମଙ୍ଗଳ କେନ୍ଦ୍ର ପରିସରରେ ଅନୁଷ୍ଠିତ ଭର୍ଚୁଆଲ ସଭାରେ ଭଦ୍ରକ ସାଂସଦ ମାନନୀୟା ମଞ୍ଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକଙ୍କ ପ୍ରତିନିଧି ଇଂ ପ୍ରୟାସକାନ୍ତି ସାମଲ, ଜିଲ୍ଲାପାଳ ଡ. ଜ୍ଞାନ ଦାସ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସନ୍ତୋଷ ପାତ୍ର, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଶିବାଶିଷ ମହାରଣା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା, ଆଶାକର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟୀକାକରଣ କାର୍ଯ୍ୟ ଅନୁଯାୟୀ ମୁଖ୍ୟତଃ ନବଜାତ ଶିଶୁମାନଙ୍କ ଠାରେ ନିମୋନିଆ ରୋଗର ଆଶଙ୍କା ଯଥେଷ୍ଟ ଅଧିକ ଥିବାରୁ ଏହି ନିମୋକୋକାଇଲ କନଜୁଗେଟ ଭ୍ୟାକ୍ସିନ (ପିସିଭ୍) ଟୀକା ଶିଶୁଙ୍କ ନିମୋନିଆ, ମେନିନ୍‌ଜାଇଟିଜ୍ ଓ ବ୍ୟାକ୍ଟେରିଆ ଭଳି ରୋଗରୁ ସୁରକ୍ଷା ପ୍ରଦାନ କରିଥାଏ।

ତେଲ ଦର ଉପରେ ଟ୍ୟାକ୍ସ ଛାଡ଼ ସହିତ ଦର ହ୍ରାସ ଦାବି

ଡିଜେଲ-ପେଟ୍ରୋଲ ଓ ନିତ୍ୟ ବ୍ୟବହାର୍ଯ୍ୟ ଦରବୃଦ୍ଧି ବିରୋଧରେ ସିପିଆର ବିକ୍ଷୋଭ

ବାରିପଦା/ରାଇରଙ୍ଗପୁର,୩୦/୦୬ (ନି.ପ୍ର): କରୋନା ମହାମାରୀରେ ସାମାଜିକ ଅବସ୍ଥା ବିଗିଡିଯିବା ସହ ଗରିବ ଓ ମଧ୍ୟବିତ୍ତ ପରିବାରଙ୍କ ଆର୍ଥିକ ମେରୁଦଣ୍ଡ ମଧ୍ୟ ଭାଙ୍ଗି ଯାଇଛି । ଜନ ଜୀବନ ଅସ୍ତବ୍ୟସ୍ତ ହୋଇଥିବା ବେଳେ କରୋନା ଆଳରେ କେନ୍ଦ୍ର ସରକାର ପେଟ୍ରୋଲ-ଡିଜେଲ ଦର ଆହେତୁକ ବୃଦ୍ଧି କରିବାରେ ଲାଗିଛନ୍ତି । ଯାହାର ସିଧାସଳଖ ପ୍ରଭାବ ପରିବହନ କ୍ଷେତ୍ରରେ ପଡିଛି । ଏହାକୁ ନେଇ ନିତ୍ୟ ବ୍ୟବହାର୍ଯ୍ୟ ଦରଦାମ ଆକାଶ ଛୁଆଁ ହୋଇଛି । ପେଟ୍ରୋଲ ଦର ଶତକ ଉପରେ ହୋଇଥିବା ବେଳେ କେନ୍ଦ୍ର ସରକାରଙ୍କ